ନିର୍ଭୀକ ଆମ

PRGI. REGD. NO: ORORI/25/A2124

# ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD


●Vol -1 ●Issue - 10 ●May 01 - 15, 2026 ●Bhubaneswar ●Rs. 5 ●Pages - 08 ●Fortnightly

●ଭାଗ-୧ ●ସଂଖ୍ୟା-୧୦ ● ମେ ୦୧ - ୧୫, ୨୦୨୬ ●ଭୁବନେଶ୍ୱର ●ମୂଲ୍ୟ ୫.୦୦ ଟଙ୍କା ●ପୃଷ୍ଠା ସଂଖ୍ୟା -୦୮ ●ପାକ୍ଷିକ


## DCMA କୋର୍ସକୁ ନେଇ ଗମ୍ଭୀର ପ୍ରଶ୍ନ

### ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ସମବାୟ ବିଭାଗର ଲୁଚକାଳି ଖେଳ !

ଭୁବନେଶ୍ୱର:ରାଜ୍ୟ ସମବାୟ ୟୁନିଅନ ଦ୍ୱାରା ଚାଲୁଥିବା ୭୦ ତମ **DCMA** କୋର୍ସ କୁ ନେଇ ଏବେ ଗମ୍ଭୀର ପ୍ରଶ୍ନ ଉଠିଛି । ଏହି କୋର୍ସ ଯାହା ଦୀର୍ଘଦିନ ଧରି ରାଜ୍ୟ ସମବାୟ ୟୁନିଅନ ଅଧୀନରେ ଚାଲୁଥିଲା, ସେହି କୋର୍ସ କେମିତି ହଠାତ୍ **STICD** ନାମକ ସଂସ୍ଥା ଅଧୀନକୁ ଗଲା – ଏହାକୁ ନେଇ ସାଧାରଣ ଲୋକମାନଙ୍କ ମଧ୍ୟରେ ଆଶ୍ଚର୍ଯ୍ୟ ଓ ଅସନ୍ତୋଷ ପ୍ରକାଶ ପାଉଛି ।**STICD** କେବେ ଗଠିତ ହେଲା ? କିଏ ଏହାକୁ ଗଠନ କଲା ? କୋଉ ଆଇନ ଅନୁଯାୟୀ ଏହା ଗଠିତ ହୋଇଛି ? ଏହାର ପ୍ରମାଣ କେଉଁଠି ? ଏହି ପ୍ରଶ୍ନଗୁଡିକ ଏବେ ସାଧାରଣ ଲୋକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନ ବାଚି ତିଆରି ହୋଇଛି ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି – **DCMA** କୋର୍ସ କିପରି ଓ କେଉଁ ପ୍ରକ୍ରିୟାରେ **STICD** ଅଧୀନକୁ ହସ୍ତାନ୍ତର ହେଲା ? ଏହାକୁ ନେଇ କୌଣସି ସ୍ୱଷ୍ଟତା ନଥିବାରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତାରେ ପଡ଼ିଛି ।ଏହା ସହିତ, **JRCS** ଶ୍ରୀ ବିଶ୍ୱ ରଞ୍ଜନଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ଅଭିଯୋଗ ହେଉଛି ଯେ, ତାଙ୍କର କିଛି ନିଷ୍ପତ୍ତି ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ହେଉଛି ।ଏହି ପରିସ୍ଥିତିରେ, ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱଷ୍ଟ ଉତ୍ତର ଓ ତଦନ୍ତ ଦାବି କରାଯାଉଛି । ଯଦି ଶୀଘ୍ର ଏହାର ସମାଧାନ ନ ହୁଏ, ତେବେ ଏହା ଆଗାମୀଦିନରେ ଏକ ବଡ଼ ଶିକ୍ଷାଗତ ବିବାଦ ରୂପ ନେଇପାରେ ।"**DCMA** କୋର୍ସ କେମିତି **STICD** ର ହେଲା ? ପଚାରୁଛି ଓଡ଼ିଶା ।


4/28/26, 2:39 PM

OFFICE OF THE STATE TRAINING INSTITUTE FOR CO-OPERATIVE DEVELOPMENT, GOPALPUR-ON-SEA, GANJAM (ODISHA)

Phone No. : 0680-2343037
E-mail : sticd.gopalpur2023@gmail.com

Letter No. 231 / Date : 11.07.2024

To
The Registrar,
Co-operative Societies,
Odisha, Bhubaneswar.

Sub: Submission of Tabulation of Mark sheet and Merit Mark sheet of 70th Session D.C.M.A Course for declaration of result - regarding.

Sir,

In inviting a kind reference to the subject cited above, I am submitting herewith the Tabulation of Mark Sheet and Merit Mark Sheet of 70th Session D.C.M.A Course for the Departmental Inspector of Co-operative Societies(I.C.S) of this Institute for favour of kind information and necessary approval for declaration of result.

Encl.: As above.

Yours faithfully,
Director
S.T.I.C.D, Gopalpur-on-Sea

https://mail.google.com/mail/u/0/?tab=rm&ogbl#inbox/FMfcgzQgLXvPSNkqKJCZVXfGRnFFcBbg?projector=1&messagePartId=0.1 1/1

## ରାଜ୍ୟ ସମବାୟ ୟୁନିଅନରେ ମଧୁବାବୁଙ୍କ ୧୭୮ତମ ଜନ୍ମଜୟନ୍ତୀ ପାଳନ

ଭୁବନେଶ୍ୱର:ଓଡିଶା ରାଜ୍ୟ ସମବାୟ ୟୁନିଅନ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୧୭୮ ତମ ଜୟନ୍ତୀ ସମବାୟ ଭବନ ପରିସରରେ ପାଳିତ ହୋଇଯାଇଛି । ଓଡିଶା ରାଜ୍ୟ ସମବାୟ ୟୁନିଅନର ସଭାପତି ପ୍ରବାସିନୀ ଷଡ଼ଙ୍ଗୀ ଉକ୍ତ କାର୍ଯ୍ୟକ୍ରମର ଅଧକ୍ଷତା କରିଥିବା ବେଳେ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବର୍ତ୍ତକ ଭାବେ ମଧୁସୂଦନ ଦାସ କିପରି ସମବାୟକୁ ସର୍ବପ୍ରଥମେ ଓଡିଶାରେ ଜନ୍ମ ଦେଇଥିଲେ ତାହା ଉପରେ ସେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ତଥା ବିଶିଷ୍ଟ ସମବାୟବିତ ମହେନ୍ଦ୍ର କୁମାର ନାୟକ ଯୋଗ ଦେଇଥିଲେ । ସେ ତାଙ୍କ ବ୍ୟକ୍ତବ୍ୟରେ ଓଡିଶାକୁ ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟ ଭାବରେ ଗଠନ କରିବାରେ ମଧୁ ବାବୁଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ମୁଖ୍ୟ ବକ୍ତା ଭାବରେ ଶରତ କୁମାର ଦଳସିଂ ରାୟ ମଧୁ ବାବୁଙ୍କର ଶିକ୍ଷା ଓ ରାଜନୈତିକ ଜୀବନଯାତ୍ରା



ଉପରେ ଆଲୋକପାତ କରିଥିଲେ । ମଧୁବାବୁ ଓଡିଶାର ପ୍ରଥମ ବାରିଷ୍ଟର, ପ୍ରଥମ ସ୍ନାତକ, ପ୍ରଥମ ସ୍ନାତକୋତ୍ତର, ପ୍ରଥମ ମନ୍ତ୍ରୀ ଓ ବିହାର ଓଡିଶା ବିଧାନସଭାର ପ୍ରଥମ ସଦସ୍ୟ ଥିଲେ ବୋଲି ଶ୍ରୀଯୁକ୍ତ ଦଳସିଂ ରାୟ ନିଜ ଅଭିଭାଷଣରେ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ନିର୍ମାଣ ସମବାୟ ନିଗମର ଉପ ସଭାପତି ବିଜୟଲକ୍ଷ୍ମୀ ମହାପାତ୍ର, ମହିଳା ବିକାଶ ସମବାୟ ନିଗମର ସଭାପତି ସ୍ୱାଧୀନବାଳା ଦାସ, ଲେବର ଫେଡେରେସନ ସଭାପତି ପ୍ରମୋଦ କୁମାର ସାମନ୍ତରାୟ, ସ୍ୱୟଂଶ୍ରୀ ମହିଳା ସମବାୟ ସମିତି ସଭାପତି ପୂର୍ଣ୍ଣିମା ସିଂ, ରାଜ୍ୟ ସମବାୟ ୟୁନିଅନର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ରାଜକିଶୋର ମଲ୍ଲିକ ଏବଂ ସଂଯୁକ୍ତା ପ୍ରଧାନ ଯୋଗ ଦେଇ ମଧୁ ବାବୁଙ୍କ ବିଷୟରେ ନିଜର ଅଭିଭାଷଣ ରଖିଥିଲେ ।କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ୟୁନିଅନର ସମ୍ପାଦକ ବ୍ରହ୍ମାନନ୍ଦ ପରିଡା ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ. ଶେଷରେ ଉପ ସମ୍ପାଦକ ସୁନିତା ପତି ଉପସ୍ଥିତ ମଞ୍ଚାସୀନ ଅତିଥି ଓ ଅନ୍ୟ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ ।

## ଦିନ ଦ୍ୱିପହରେ ଆକ୍ରମଣ କରି ସୁନା ଚେନ ଲୁଟ

### ମହିଳା ସୁରକ୍ଷା ଉପରେ ପ୍ରଶ୍ନବାଚୀ ?

ଭୁବନେଶ୍ୱର: ରାଜଧାନୀରେ ବର୍ତ୍ତମାନ ସମୟରେ ଆପଣମାନେ ନିଜ ମଧ୍ୟ ସୁରକ୍ଷିତ ନୁହଁନ୍ତି । ସହର ସାରା ସିସିଟିଭି ସହ ପୋଲିସର ପଇଁତରାକୁ ଖାତିର ନ କରି ଚୋର ବି ଚମ୍ପଟ ମାରିବାରେ ଓସ୍ତାଦ । ଦିନ ହେଉ କି ରାତି ସକାଳ ହେଉକି କି ସନ୍ଧ୍ୟା ପୋଲିସ ଆଖିରେ ଆଙ୍ଗୁଠି ଗେଞ୍ଜି ଚୋରମାନେ ବର୍ତ୍ତମାନ ସମୟରେ ଜନସାଧାରଣଙ୍କୁ ନାଲିଆଖି ଦେଖାଇ ଲୁଟ୍‌ପାଟ୍ କରିବାରେ ବ୍ୟସ୍ତ । ହେଲେ ଏପଟେ ପୋଲିସ ବିଭାଗର ମିଛ ପାଟ୍ରୋଲିଂ କରିବାର ସାଧରଣଙ୍କ ମନରେ ପ୍ରଶ୍ନବାଚୀ । ପୋଲିସ ବିଭାଗ ଯେଉଁ ପାଟ୍ରୋଲିଂ ବ୍ୟବସ୍ଥା କରାଯଇଛି। ତାହା ବର୍ତ୍ତମାନ ସମୟରେ ଆଇନକୁ ଆଖିଠାର ବୋଲି ଆଲୋଚନା ରାଜଧାନୀରେ ଏଭଳି ଏକ ଘଟଣା ଦିନ ଦ୍ୱିପ୍ରହରେ ସହିଦନଗର ଅଞ୍ଚଳରେ ଦେଖିବାକୁ ମିଳିଛି ।

ପ୍ରଥମେ ଆକ୍ରମଣ ପରେ ସୁନା ଚେନ ଲୁଟ ଘଟଣା ସ୍ଥାନୀୟ ଅଞ୍ଚଳରେ ଚହଳ ସୃଷ୍ଟି କରିଛି । ରାଜ୍ୟ ସମବାୟ ୟୁନିଅନର **Deputy Secretary** ଶ୍ରୀମତୀ ସୁନୀତା ପତି (**OCS**) ଙ୍କୁ ଏହି ଆକ୍ରମଣ କରାଯାଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ, ୩୦ ତାରିଖ ଦିନ ଅପରାହ୍ନ ପ୍ରାୟ ୩.୫୦ ମିନିଟ ସମୟରେ ସହିଦନଗର ମୁଖ୍ୟ ରାସ୍ତା, ବାୟାବାବା ଛକ ନିକଟରେ ଏହି ଘଟଣା ଘଟିଥିଲା । ଶ୍ରୀମତୀ ପତି ରାଜ୍ୟ ସମବାୟ ୟୁନିଅନ କାର୍ଯ୍ୟାଳୟକୁ ଯାଉଥିବା ବେଳେ କିଛି ଅଜଣା ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ସୁନା ଚେନ ଛିଣ୍ଡେଇ ନେଇଥିଲେ । ଆକ୍ରମଣରେ ଶ୍ରୀମତୀ ପତି ଆହତ ହୋଇଥିବା ବେଳେ ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲରେ ପ୍ରଥମିକ ଚିକିତ୍ସା ଯୋଗାଇ ଦିଆଯାଇଛି । ଏହି ଘଟଣା ସମ୍ପର୍କରେ ପୋଲିସକୁ ଅବଗତ କରାଯାଇଥିବା ବେଳେ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ଅନୁସାରେ, ଦୁର୍ବୃତ୍ତ



ମାନଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଚେଷ୍ଟା ଜାରି ରହିଛି । ଏହି ତଦନ୍ତକୁ ପୋଲିସ କମିଶନର ନିଜେ ତଦାରଖ କରୁଛନ୍ତି ବୋଲି ଜଣା ପଡ଼ିଛି । ଦିନ ଦିପହର ସମୟରେ ଏପରି ଘଟଣା ଘଟିଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଚିନ୍ତାର କାରଣ ସୃଷ୍ଟି ହୋଇଛି । "ରାଜଧାନୀରେ ମହିଳା କେତେ ସୁରକ୍ଷିତ ?" ବୋଲି ପ୍ରଶ୍ନ ଉଠିଛି । ଏହା ସହିତ, ସମବାୟ ନିବନ୍ଧକ ଙ୍କ କାର୍ଯ୍ୟାଳୟରେ କାମ କରୁଥିବା **OCS** ଅଧିକାରୀ ଶ୍ରୀମତୀ ସୁନୀତା ପତିଙ୍କ ପାଇଁ ଯାତାୟାତ ସୁବିଧା କାହିଁକି ବ୍ୟବସ୍ଥା କରାଯାଇନଥିଲା, ତାହା ନେଇ ଏବେ ଆଲୋଚନା ହେଉଛି । ସମବାୟ ବିଭାଗ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ ମଧ୍ୟ ସବୁ ତଥ୍ୟ ବୁଝିବା ସହିତ ପୋଲିସ କମିଶନରଙ୍କ ମଧ୍ୟ ଆଲୋଚନା କରିଥିବା ଜଣାପଡ଼ିଛି । ତଥ୍ୟ ଅନୁସାରେ, ଶ୍ରୀମତୀ ପତି ବର୍ତ୍ତମାନ ଦୁଇଟି ଦାୟିତ୍ୱ ପାଳନ କରୁଛନ୍ତି । ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟ ସହ ରାଜ୍ୟ ସମବାୟ ୟୁନିଅନର ଉପ ସମ୍ପାଦକ ପଦରେ ଅଛନ୍ତି । ଏହି ପରିସ୍ଥିତିରେ, ନିଖିଳ ଉତ୍କଳ ସମବାୟ ବିତ ସଂଘ ପକ୍ଷରୁ ଦାବି କରାଯାଇଛି ଯେ ସମବାୟ ବିଭାଗ ତୁରନ୍ତ ମହିଳା କର୍ମଚାରୀମାନଙ୍କ ପାଇଁ ସୁରକ୍ଷିତ କାମ ଓ ଅଫିସ ଯାତାୟାତ ପାଇଁ ଯଥୋଚିତ ଯାନବାହନ ବ୍ୟବସ୍ଥା କରାଯାଉ ।

## ଯାଜପୁର କୋରେଇ ବାଗିରିଆ ସମବାୟ ସମ୍ପାଦକଙ୍କ ଚଞ୍ଚକତା ଅଭିଯୋଗ

### ଅବସର ପୂର୍ବରୁ ପୁଅଙ୍କୁ ନିଯୁକ୍ତି ପାଇଁ ଯୋଜନା, ତଦନ୍ତ କେବେ ?

ଯାଜପୁର: ଯାଜପୁର ଜିଲ୍ଲା କୋରେଇ ଅଞ୍ଚଳ ଅଧୀନସ୍ଥ ବାଗିରିଆ ସମବାୟ ସମିତିରେ ଗୁରୁତର ଅନିୟମିତତା ଓ ଚଞ୍ଚକତା ସମ୍ପର୍କରେ ଅଭିଯୋଗ ଆସିଛି ସମବାୟ ସମ୍ପାଦକ ତାଙ୍କର ଅବସର ପୂର୍ବରୁ ନିଜ ପୁଅଙ୍କୁ ଅବୈଧ ଭାବରେ ନିଯୁକ୍ତି ଦେବା ପାଇଁ ଯୋଜନା କରୁଥିବା ଅଭିଯୋଗ ହେଉଛି, ଯାହା ସମବାୟ ନୀତି ଓ ନିୟମାବଳୀଙ୍କର ସ୍ୱଷ୍ଟ ଉଲ୍ଲଂଘନ । ଏହି ସମ୍ପର୍କରେ ରେଜିଷ୍ଟ୍ରାର କୋଅପରେଟିଭ୍ ସୋସାଇଟି (**RCS**), ଓଡ଼ିଶାଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି କିନ୍ତୁ ଦୀର୍ଘ ସମୟ ହେଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ୱଷ୍ଟ ତଦନ୍ତ ଆରମ୍ଭ ହୋଇନାହିଁ ବୋଲି ଅ



ଭିଯୋଗକାରୀ ମାନେ ଅଭିଯୋଗ କରୁଛନ୍ତି ଏହା କେବଳ ଏକ ଘଟଣା ନୁହେଁ; ସମଗ୍ର ଓଡ଼ିଶାରେ ସମବାୟ ସମିତି ଗୁଡ଼ିକରେ ଏ ପରି ସହ ସହ ଅଭିଯୋଗ ଥିଲେ ମଧ୍ୟ, ପ୍ରାୟ ସବୁ ମାମଲାରେ ତଦନ୍ତ ଶୂନ୍ୟ ରହିଛି । ଏହା ଶାସନ ବ୍ୟବସ୍ଥାର ପ୍ରତି ଲୋକମାନଙ୍କର ବିଶ୍ୱାସକୁ ଗୁରୁତର ଭାବେ ପ୍ରଭାବିତ କରୁଛି ।

ଜନସାଧାରଣ ଦାବି: ୧. ଉକ୍ତ ଅଭିଯୋଗରେ ତୁରନ୍ତ ସ୍ୱତନ୍ତ୍ର ଓ ନିଷ୍ପକ୍ଷ ତଦନ୍ତ ଆରମ୍ଭ କରାଯାଉ । ୨. ତଦନ୍ତ ସମୟରେ ସମ୍ପୃକ୍ତ ଅଧିକାରୀଙ୍କୁ ଦାୟିତ୍ୱରୁ ବିରତ କରାଯାଉ । ୩. ଯଦି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ୪. ସମଗ୍ର ରାଜ୍ୟରେ ସମବାୟ ସମିତି ମାନଙ୍କର ନିଯୁକ୍ତି ପ୍ରକ୍ରିୟାରେ ପାରଦର୍ଶିତା ନିଶ୍ଚିତ କରାଯାଉ । ଯଦି ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ହୁଏ, ତେବେ ଆମେ ଆଇନଗତ ପଦକ୍ଷେପ ସହିତ ଲୋକ ତାନ୍ତ୍ରିକ ଆନ୍ଦୋଳନକୁ ବାଧ୍ୟ ହେବୁ ବୋଲି କହିଲେ କିଛି ନିର୍ବାଚିତ ପ୍ରତିନିଧି ।

## ଓମ୍ଫେଡ୍ ଦୁଗ୍ଧ ଚାଷୀଙ୍କୁ ମିଳିବ ଲିଟର ପିଛା ୧ ଟଙ୍କା ଅଧିକ

ଭୁବନେଶ୍ୱର : ପୁଣି ଓମ୍ଫେଡ୍ ଦୁଗ୍ଧ ଚାଷୀଙ୍କୁ ମିଳିବ ଲିଟର ପିଛା ୧ଟଙ୍କା । ଓମ୍ଫେଡ୍ ଦୁଗ୍ଧ ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛି ଓମ୍ଫେଡ୍ । ଓମ୍ଫେଡ୍ ଦୁଗ୍ଧଚାଷୀ ମାନେ ପୂର୍ବରୁ ଲିଟର ପିଛା ୩୮ ଟଙ୍କା ୦୫ ପଇସା ପାଉଥିଲେ । ଏଣିକି ଲିଟର ପିଛା ୩୯.୦୫ ଟଙ୍କା ଲେଖାଏଁ ପାଇବେ । ଏହି ନୂତନ ବର୍ଦ୍ଧିତ ଦର ମଇ ୧, ୨୦୨୬ଠାରୁ କାର୍ଯ୍ୟକାରୀ ହେବ ବୋଲି ଓମ୍ଫେଡ୍ ପକ୍ଷରୁ କୁହାଯାଇଛି । ଦୁଗ୍ଧ ଚାଷୀଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ପାଇଁ ଓମ୍ଫେଡ୍ ପକ୍ଷରୁ ପ୍ରୟାସ ଜାରି ରହିଛି । ଅପରପକ୍ଷେ ଘାସ, ଚାରା, ପିଡ଼ିଆ, ଗୋଖାଦ୍ୟ, ମେଡ଼ିସିନ ଆଦି ଖର୍ଚ୍ଚରେ ବୃଦ୍ଧି, ଦୁଗ୍ଧ ଉତ୍ପାଦନରେ ମଧ୍ୟ ପ୍ରଭାବ ପକାଉଥିବା ଲକ୍ଷ୍ୟ କରି ଓମ୍ଫେଡ୍ ଦୁଗ୍ଧ କ୍ରୟ ମୂଲ୍ୟରେ ବୃଦ୍ଧି କରିଛି । ଏହା ଫଳରେ ରାଜ୍ୟ ପ୍ରାୟ ୩ଲକ୍ଷ ଓମ୍ଫେଡ୍ ଦୁଗ୍ଧ ଚାଷୀ ବିଶେଷ ଭାବେ ଉପକୃତ ହେବେ । ଏହି ଖବରପାଇବା ପରେ ଚାଷୀମାନେ ସେମାନଙ୍କର ଖୁସି ବ୍ୟକ୍ତ କରିଛନ୍ତି ।







# ସମବାୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସାକ୍ଷରତା ଓ ଦକ୍ଷତା ବଢ଼ାଇବାକୁ ଆହ୍ୱାନ

ନୂଆଦିଲ୍ଲୀ: ଆରବିଆଇ କେନ୍ଦ୍ରୀୟ ବୋର୍ଡ ନିର୍ଦ୍ଦେଶକ ସତୀଶ ମରାଠେ ସମବାୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ଏକ କଠୋର ସତର୍କତାମୂଳକ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି ଯେ ସମବାୟ ବ୍ୟାଙ୍କଗୁଡ଼ିକୁ ଦ୍ରୁତ ପରିବର୍ତ୍ତନଶୀଳ ପରିସ୍ଥିତି ସହ ଅନୁକୂଳିତ ହେବାକୁ ପଡ଼ିବ, ନତୁବା ଦୈନନ୍ଦିନ ବ୍ୟାଙ୍କିଙ୍ଗ୍ କାର୍ଯ୍ୟରେ ସେମାନେ ଅପ୍ରାସଙ୍ଗିକ ହୋଇଯିବେ।

ପୁଣେରେ ଅନୁଷ୍ଠିତ ଏକ ସେମିନାରରେ ବକ୍ତବ୍ୟ ରଖି ମରାଠେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବଢୁଥିବା ତୀବ୍ର ପ୍ରତିଯୋଗିତା ଉପରେ ଆଲୋକପାତ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଜମାକାରୀ ଓ ଋଣଗ୍ରହୀତା ଉଭୟ ଏବେ ଅଧିକ ସଚେତନ ଏବଂ ବିଚାରଶୀଳ ହୋଇଛନ୍ତି। ଏହି ପରିସ୍ଥିତିରେ କେବଳ ବିଶ୍ୱାସଯୋଗ୍ୟତା ରଖିବା ଯଥେଷ୍ଟ ନୁହେଁ।

"ବ୍ୟାଙ୍କଗୁଡ଼ିକୁ ସକ୍ରିୟ ଭାବେ ବ୍ୟାଙ୍କିଙ୍ଗ୍ ସାକ୍ଷରତା ବଢ଼ାଇବାକୁ ପଡ଼ିବ ଯାହା ଦ୍ୱାରା ସେମାନେ ପ୍ରାସଙ୍ଗିକ ରହିପାରିବେ," ସେ କହିଥିଲେ।

ମରାଠେ ଆହୁରି କହିଥିଲେ ଯେ ଭାରତର ପ୍ରାୟ ଅର୍ଦ୍ଧଭାଗ ଜନସଂଖ୍ୟା ଏପର୍ଯ୍ୟନ୍ତ ଔପଚାରିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ବାହାରେ ରହିଛି। ଏହା ଆର୍ଥିକ ସଚେତନତା ଓ ଅନ୍ତର୍ଭୁକ୍ତିକରଣକୁ ତ୍ୱରାନ୍ୱିତ କରିବାର ଜରୁରୀ ଆବଶ୍ୟକତାକୁ ସୂଚିତ କରୁଛି।

ସେ କହିଥିଲେ ଯେ ଜମାକାରୀ ଓ ଋଣଗ୍ରହୀତାଙ୍କ ସଂଖ୍ୟା ବଢୁଥିବା ସମୟରେ ହ୍ରାସ ପାଉଥିବା ସୁଧ ହାର ଗ୍ରାହକଙ୍କୁ ସୂଚିତ ଆର୍ଥିକ ନିଷ୍ପତ୍ତି ନେବାର ଆବଶ୍ୟକତାକୁ ଆହୁରି ବଢ଼ାଇ ଦେଇଛି। ଏହି ପ୍ରସଙ୍ଗରେ ସେ ବ୍ୟାଙ୍କିଙ୍ଗ୍ ସାକ୍ଷରତା ଉପରେ ଏକ ନୂତନ ପୁସ୍ତକ ପ୍ରକାଶନକୁ ସ୍ୱାଗତ କରିଥିଲେ ଏବଂ କହିଥିଲେ ଯେ ଏହା ସଚେତନତାର ଅନ୍ତର୍ବିରୋଧ ଦୂର କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ସମବାୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଶାସନ ସୁଧାର ପ୍ରସଙ୍ଗରେ ମରାଠେ କହିଥିଲେ ଯେ ନିର୍ଦ୍ଦେଶକଙ୍କୁ ମାତ୍ର ଦୁଇଟି କାର୍ଯ୍ୟକାଳ ସୀମିତ କରିବା ଏକ ପ୍ରଗତିଶୀଳ ପଦକ୍ଷେପ। ଏହା ଯୁବକଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବ ଏବଂ ନୂତନ ନେତୃତ୍ୱ ଆଣିବ। ସେ ପୁନର୍ବାର କହିଥିଲେ ଯେ କେନ୍ଦ୍ର ସରକାରଙ୍କ ନିୟମାବଳୀ ସମସ୍ତ ସମବାୟ ବ୍ୟାଙ୍କ ପାଇଁ ବାଧ୍ୟତାମୂଳକ ଏବଂ ଆରବିଆଇ ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକର ସମସ୍ୟା ସମାଧାନ ପାଇଁ ଏକ ବିଶେଷ ଫୋରମ୍ ଗଠନ କରିଛି।

ଡଃ ଉଦୟ ଯୋଶୀ କହିଥିଲେ ଯେ ନିୟନ୍ତ୍ରଣ ଦୃଷ୍ଟିକୋଣ ସମବାୟ ବ୍ୟାଙ୍କଗୁଡ଼ିକର ସଂଖ୍ୟା କମାଇବା ଉପରେ କେନ୍ଦ୍ରିତ ଥିବା ପ୍ରତୀୟମାନ ହେଉଛି। ସେ ଉଲ୍ଲେଖ କରିଥିଲେ ଯେ ୨୦୦୦ ଦଶକର ପ୍ରାରମ୍ଭ ପରେ ସମବାୟ ବ୍ୟାଙ୍କଗୁଡ଼ିକୁ କୌଣସି ନୂତନ ଲାଇସେନ୍ସ ମିଳି ନାହିଁ, ଯାହା ଫଳରେ କ୍ରେଡିଟ୍ ସୋସାଇଟିଗୁଡ଼ିକର ସଂଖ୍ୟା ଦ୍ରୁତ ଗତିରେ ବଢ଼ିଛି।

ସମିତି ର ପ୍ରତିଷ୍ଠାତା ଚେୟାରମ୍ୟାନ୍ ରାଧେଶ୍ୟାମ୍ ଚନ୍ଦକ ଡିପୋଜିଟ୍ ବଢ଼ାଇବା ପାଇଁ ସାମାଜିକ ସମବାୟ ବ୍ୟାଙ୍କିଙ୍ଗ୍ କାର୍ଯ୍ୟକ୍ରମଗୁଡ଼ିକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

ଅନିଲ୍ କାବଡ଼େ ସମବାୟ ନିର୍ବାଚନଗୁଡ଼ିକୁ ଡିଜିଟାଲ୍ କରିବା, ଖର୍ଚ୍ଚ କମାଇବା ଏବଂ ଇଭିଏମ୍ ଆଧାରିତ ବ୍ୟବସ୍ଥା ମାଧ୍ୟମରେ ସ୍ୱଚ୍ଛତା ବଢ଼ାଇବାର ପ୍ରୟାସ ବିଷୟରେ ସୂଚନା ଦେଇଥିଲେ।

ମିଲିନ୍ଦ୍ କାଳେ କହିଥିଲେ ଯେ ଏପର୍ଯ୍ୟନ୍ତ ୧୯ଟି ବ୍ୟାଙ୍କ କସ୍ମସ୍ ବ୍ୟାଙ୍କ ସହିତ ମିଶ୍ରିତ ହୋଇଛି। ଖରାପ ବ୍ୟବସାୟିକ ନିଷ୍ପତ୍ତି ଯୋଗୁଁ ପ୍ରଭାବିତ ବ୍ୟାଙ୍କଗୁଡ଼ିକୁ ମର୍ଜର କରାଯାଇଥିବା ବେଳେ ଦୁର୍ନୀତି ପ୍ରଭାବିତ ପ୍ରତିଷ୍ଠାନଗୁଡ଼ିକୁ ଏଥିରୁ ବାଦ୍ ଦିଆଯାଇଥିଲା। ଏହି ମର୍ଜର ନୂତନ ଅଞ୍ଚଳରେ ବିସ୍ତାରର ସୁଯୋଗ ସୃଷ୍ଟି କରୁଛି।

ଅଜୟ ବ୍ରହ୍ମେଚା କହିଥିଲେ ଯେ ନୂତନ ଲାଇସେନ୍ସ ପାଇବା କଠିନ ହେଉଥିବା ସତ୍ତ୍ୱେ କ୍ରେଡିଟ୍ ସୋସାଇଟିଗୁଡ଼ିକୁ ବ୍ୟାଙ୍କରେ ରୂପାନ୍ତରିତ କରିବା ଏକ ବ୍ୟବହାରିକ ଉପାୟ ହୋଇପାରେ।

ଏହି ଅବସରରେ 'ବ୍ୟାଙ୍କିଙ୍ଗ୍ ସାକ୍ଷରତା' ବିଷୟରେ ଏକ ପୁସ୍ତକ ପ୍ରକାଶିତ ହୋଇଥିଲା। ଲେଖକ ଗଣେଶ ନିମକାର ପୁସ୍ତକର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ ଏବଂ ପ୍ରକାଶକ ତଥା 'ସହକାର ସୁଗନ୍ଧ' ସମ୍ପାଦକ ଭାଲଚନ୍ଦ୍ର କୁଲକର୍ଣ୍ଣୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

# ଲୋୟର ସୁକତେଲ ଡ୍ୟାମ୍‌ରୁ ସ୍ଥାୟୀ ଜଳସେଚନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଲୋଇସିଂହା: ବଲାଙ୍ଗୀର ସର୍କିଟ ହାଉସ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶନିବାର ଲୋଇସିଂହା ଓ ଆଗଲପୁର ବ୍ଲକର ମିଳିତ କୃଷକ ସଂଘର୍ଷ ସମିତି ଏକ ପ୍ରତିନିଧି ଭେଟି ଲୋୟର ସୁକତେଲ ଡ୍ୟାମ୍‌ରୁ ଜଳସେଚନରୁ ବାଦ ପଡିଥିବା ଉଭୟ ବ୍ଲକର ୧୧ ପଞ୍ଚାୟତର ଚାଷଜମିକୁ ସ୍ଥାୟୀ ଜଳସେଚନ ପାଇଁ ଦାବିପତ୍ର ଦିଆଯାଇଛି। ଦାବିପତ୍ର ଗ୍ରହଣ କରି ମୁଖ୍ୟମନ୍ତ୍ରୀ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସାକ୍ଷାତ କରିଥିବା ପ୍ରତିନିଧି ଦଳକୁ କହିଛନ୍ତି।

ଏହି ଅବସରରେ ଜିଲାର ୨ ଜଣ ମନ୍ତ୍ରୀ କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଉପସ୍ଥିତ ଥିବା ମିଳିତ କୃଷକ ସଂଘର୍ଷର ସମିତିର ସଭାପତି ଯୁଧିଷ୍ଠିର ପଧାନ, ପୂର୍ବତନ ସଭାପତି ରତ୍ନାକର ମିଶ୍ର ଓ ସଦସ୍ୟ ଶ୍ୟାମସୁନ୍ଦର ମେହେର ଜଣାଇଛନ୍ତି। ଲୋଇସିଂହା ବ୍ଲକ ମାଗୁରବେଡ଼ାଠାରେ ସୁକତେଲ ନଦୀରେ ବଲାଙ୍ଗୀର ଜିଲାର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଡ୍ୟାମ୍ ବନ୍ଧାଯାଇଛି। ଚାଷଜମିକୁ ଜଳସେଚନ ଓ ପିଇବା ପାଣି ସଙ୍କଟ ଦୂର ଲକ୍ଷ୍ୟରେ ଏହି ଡ୍ୟାମ୍ ନିର୍ମାଣ ହୋଇଛି। ୨୦୦୦ରେ ଏହି ପ୍ରକଳ୍ପର ଡିପିଆର ପ୍ରସ୍ତୁତ ବେଳେ ବାମପାର୍ଶ୍ୱ କେନାଲରେ ୫୫ ପ୍ରତିଶତ ଓ ଡାହାଣ ପାର୍ଶ୍ୱ କେନାଲରେ ୪୫ ପ୍ରତିଶତ ଜଳସେଚନ ପାଇଁ ସ୍ଥିରୀକୃତ ହୋଇଥିଲା। ସେତେବେଳେ ଖୋଲା କେନାଲର ପ୍ରସ୍ତାବ ରହିଥିଲା। ପରବର୍ତ୍ତୀ ସମୟରେ ଡିପିଆରକୁ ପରିବର୍ତ୍ତନ କରି ଚାପଯୁକ୍ତ ପାଇପ ଯୋଗେ ଜଳସେଚନ ପାଇଁ ପଦକ୍ଷେପ ନିଆଯାଇ ସବୁ କିଛି ଓଲଟପାଲଟ କରିଦିଆଗଲା। ବାମପାର୍ଶ୍ୱ କେନାଲ ଯଥା(ଲୋଇସିଂହା ଓ ଆଗଲପୁର ବ୍ଲକ ପଟ)କୁ ମୋଟ୍ ୪୦ ହଜାର ୧୩୫ ହେକ୍ଟର ଯଥା ୧୩୧୩୦.୫୮ ହେକ୍ଟର( ଯଥା ୩୨.୭୧୬%) ଜମିକୁ ଜଳ ସେଚନ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ସେହିପରି ଡ୍ୟାମର ଡାହାଣ ପାର୍ଶ୍ୱରେ ୨୭ ହଜାର୪.୪୨ ହେକ୍ଟର( ୬୭.୨୮୪%) ଜମିକୁ ଜଳସେଚନ ଲକ୍ଷ୍ୟଧାର୍ଯ୍ୟ ହୋଇଛି।



ଏହିକ୍ରମରେ ଭୂତଳ ଜଳସେଚନ ପାଇଁ ପାଇପ୍‌ଲାଇନ କାମ ମଧ୍ୟ ଜୋର୍‌ସୋରରେ ଚାଲିଛି। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପକୁ ତରବରିଆ ଭାବେ ଉଦ୍‌ଘାଟନ କରିଥିଲେ। ଦୁଃଖର ବିଷୟ ଉକ୍ତ ପ୍ରକଳ୍ପଟି ଲୋଇସିଂହା ନିର୍ବାଚନ ମଣ୍ଡଳୀ ଲୋଇସିଂହା ବ୍ଲକରେ ନିର୍ମାଣ ହୋଇଛି। ପ୍ରକଳ୍ପ ଯୋଗୁ ଲୋଇସିଂହା ବ୍ଲକ ହଜାର ହଜାର ଅଧିବାସୀ ଭିଟାମାଟି ଛାଡ଼ି ବିସ୍ଥାପିତ ହୋଇଛନ୍ତି। ତେବେ ବିଡମ୍ବନା ଯେ, ଡ୍ୟାମର ବାମପାର୍ଶ୍ୱରେ ଥିବା ଲୋଇସିଂହା ବ୍ଲକର ୬ ପଞ୍ଚାୟତ ଲୋଇସିଂହା, ବୁର୍ଡା, ବୁଢୀପଦର,ବାଦିବାହାଲ ଓ ହୀରାପୁର।

ସେହିପରି ଆଗଲପୁର ବ୍ଲକର ୫ଟି ପଞ୍ଚାୟତ ଯଥା ଝରଣୀପାଲି, ନୁନିଆପାଲି, ବଡଟୀକା, ନଅଗାଁ(ଖ) ଓ ବେନ୍ଦ୍ରା ପଞ୍ଚାୟତ ଜଳସେଚନରୁ ବାଦ ପଡିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ୨୦୨୪ ସଧାରଣ ନିର୍ବାଚନ ବେଳେ ବର୍ତ୍ତମାନର ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଡା.ମୁକେଶ ମହାଲିଙ୍ଗ ନିର୍ବାଚନୀ ସଭାରେ ଭାଜପା ସରକାର ଆସିଲେ ଡିପିଆର ସଂଶୋଧନ କରି ବାଦ ପଡିଥିବା ଅଞ୍ଚଳକୁ ପ୍ରକଳ୍ପକୁ ଜଳସେଚନ ପାଇଁ ପଦକ୍ଷେପ ନିଆଯିବାକୁ ଦୃଢ ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ସମୟରେ ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ସ୍ଥାୟୀ ଜସେଚନ ଦାବି ନେଇ ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇଛି। ଲୋକଙ୍କ ସରକାର ତଥା ମୁଖ୍ୟମନ୍ତ୍ରୀ ଚାଷ ଓ ଚାଷୀଙ୍କ ପାଇଁ କାର୍ଯ୍ୟ କରୁଥିବା କହୁଛନ୍ତି। ଏବେ ମିଳିତ କୃଷକ ସଂଘର୍ଷର ଦାବିକୁ କେତେଦୂର କାର୍ଯ୍ୟକାରୀ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

# ପିଆଜ ଚାଷଜମି ପରିଦର୍ଶନ କଲେ ଅତିରିକ୍ତ ସଚିବ

ନୂଆପଡ଼ା: କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଅତିରିକ୍ତ ସଚିବ ମନୋଜ କୁମାର ରବିବାର ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ତୁକଲାପଡା ଗାଁର ଚାଷୀଙ୍କ ପିଆଜ ଚାଷଜମି ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ଗାଁର ପିଆଜ ଚାଷୀ ପଣ୍ଡୁ ବାଗ, ଅବଲ ନିଆଲ, ବରୁଣ ବାଗ, ଭୁବନେଶ୍ୱର ବାଗ, ତେଜୁଲାଲ ବାଗଙ୍କଠାରୁ ବିଭିନ୍ନ ପ୍ରସଙ୍ଗ ପଚାରି ବୁଝିଥିଲେ। ଆୟବ୍ୟୟ ସମ୍ପର୍କରେ ପଚାରିବାରୁ ଚାଷୀମାନେ ଏକର ପିଛା ୬୦ରୁ ୭୦ କୁଇଣ୍ଟାଲ ପିଆଜ ଉତ୍ପାଦନ ହେଉଥିବାବେଳେ ଲକ୍ଷେରୁ ଊର୍ଦ୍ଧ୍ୱ ଆୟ ହେଉଛି ବୋଲି କହିଥିଲେ। ଏହାସହ ସେମାନେ ଚାଷ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଗାଁରେ ବନ୍ଧ, ମୁଡା, ଗଭୀର ନଳକୂପ ଦ୍ୱାରା ଆବଶ୍ୟକ ପାଣି ରହିଛି। ହେଲେ ଅଘୋଷିତ ବିଦ୍ୟୁତ କାଟ ଯୋଗୁ ଠିକ ସମୟରେ ଚାଷଜମିରେ ପାଣି ମଡ଼ାଇ ହେଉନାହିଁ। ଫଳରେ ଫସଲ ମରିଯିବା ଆଶଙ୍କା ରହୁଛି। ଏଠାରେ ଶୀତଳଭଣ୍ଡାର କିମ୍ବା ମଣ୍ଡି (ମାର୍କେଟିଂ) ବ୍ୟବସ୍ଥା ନ ଥିବାରୁ ଶାଗମାଛ ଦରରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ବିକ୍ରୟ କରି ଦେଉଛୁ। ତେଣୁ ଶୀତଳ ଭଣ୍ଡାର ଓ ମଣ୍ଡି ବ୍ୟବସ୍ଥା କରାଯାଉ ବୋଲି ଚାଷୀ ଦାବି କରିଥିଲେ। ଏହାପରେ ଅତିରିକ୍ତ ସଚିବ ସିପିଏସ୍‌ଡବ୍ଲ୍ୟୁ କେନ୍ଦୁଭଟା ଓ ଉଦ୍ୟାନ ବିଭାଗ ନୂଆପଡା ତରଫରୁ ନିର୍ମାଣ କରାଯାଇଥିବା ଭମର ନିଆଲଙ୍କ ପିଆଜ ସାଇତି ରଖିବା ଘର ପରିଦର୍ଶନ କରିଥିଲେ। ଏହି ଅବସରରେ ପିଆଜ ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ସମୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକ, ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାସଦାଁ, ସିପିଏସ୍‌ଡବ୍ଲ୍ୟୁ ମୁଖ୍ୟ କାର୍ଯ୍ୟନିର୍ବାହୀ ବିରଞ୍ଚ୍ଚିତ୍ ନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ଷ୍ଟାର୍ଟଅପ୍ ଓ ଗ୍ରାମୀଣ ଉଦ୍ୟୋଗକୁ ବୁଷ୍ଟ:ସମବାୟ ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇ ଦେଲା AgriSURE ଅନୁମତି

ନୂଆଦିଲ୍ଲୀ: ଭାରତର ସମବାୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି ଭାରତୀୟ ରିଜର୍ଭ ବ୍ୟାଙ୍କ (**RBI**) ଉଭୟ ଗ୍ରାମୀଣ ଏବଂ ସହରୀ ସମବାୟ ବ୍ୟାଙ୍କଗୁଡ଼ିକ ପାଇଁ ଅନୁମୋଦିତ ଆର୍ଥିକ ସେବା ତାଲିକାରେ "**AgriSURE – Agri Fund for Startups & Rural Enterprises**" କୁ ସାମିଲ୍ କରିଛି।

ସୋମବାର ଦିନ ପୃଥକ ପୃଥକ ବିଜ୍ଞପ୍ତି ଜାରି କରି ଆର୍‌ବିଆଇ ତାଙ୍କ ବିଦ୍ୟମାନ ନିର୍ଦ୍ଦେଶାବଳୀରେ ସଂଶୋଧନ କରି ସମବାୟ ବ୍ୟାଙ୍କଗୁଡ଼ିକ ପାଇଁ ଅନୁମୋଦିତ କାର୍ଯ୍ୟକଳାପ ତାଲିକାରେ ଇଶକ୍ୱସଝଟଜର କୁ ଯୋଡ଼ି ଦେଇଛନ୍ତି। ଏହି ସଂଶୋଧନଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ ହୋଇଛି।

ଏହା ଫଳରେ ସମବାୟ ବ୍ୟାଙ୍କଗୁଡ଼ିକ ଆର୍‌ବିଆଇର ନିୟମାବଳୀ ଅନୁଯାୟୀ ଅନୁମୋଦିତ ଆର୍ଥିକ ସେବାର ଅଂଶ ଭାବେ ଏବେ **AgriSURE** ଫଣ୍ଡ ସହ ଜଡ଼ିତ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିପାରିବେ। କୃଷକ ଏବଂ ଗ୍ରାମୀଣ ସମାଜ ସହ ସମବାୟ ବ୍ୟାଙ୍କଗୁଡ଼ିକର ଗଭୀର ସମ୍ପର୍କକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ କୃଷି-ଆଧାରିତ ଷ୍ଟାର୍ଟଅପ୍ ଏବଂ ଛୋଟ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ଉତ୍ତମ ସମର୍ଥନ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

ଏହି ନିଷ୍ପତ୍ତିକୁ ଏକ ସଶକ୍ତିକରଣ ପଦକ୍ଷେପ ଭାବେ ଦେଖାଯାଉଛି, ଯାହା ସମବାୟ ବ୍ୟାଙ୍କଗୁଡ଼ିକୁ ନିୟମାବଳୀର ସୀମା ମଧ୍ୟରେ ରହି ନିଜର ଭୂମିକା ବିସ୍ତାର କରିବାର ସୁଯୋଗ ଦେବ। ଏହା କୃଷି-ଆଧାରିତ ଉଭାବନ ଏବଂ ଗ୍ରାମୀଣ ବ୍ୟବସାୟ ବିକାଶ ପାଇଁ ଆର୍ଥିକ ସହାୟତାର ପ୍ରସାର ବୃଦ୍ଧି କରିପାରେ।

ଉପଲବ୍ଧ ସୂଚନା ଅନୁଯାୟୀ, **AgriSURE – Agri Fund for Startups & Rural Enterprises** ଏକ ୭୫୦ କୋଟି ଟଙ୍କାର ଫଣ୍ଡ ଅଟେ, ଯାହା ଭାରତରେ କୃଷି-କେନ୍ଦ୍ରିକ ଷ୍ଟାର୍ଟଅପ୍ ଏବଂ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ସମର୍ଥନ କରିବା ପାଇଁ ପ୍ରସ୍ତୁତ କରାଯାଇଛି।

ଏହି ଫଣ୍ଡକୁ ଭାରତ ସରକାର ଏବଂ ନାବାର୍ଡ (**NABARD**) ମିଳିତ ଭାବେ ପ୍ରୋତ୍ସାହନ ଦେଇଛନ୍ତି ଏବଂ ଏହାର ପରିଚାଳନା ***NABVENTURES Ltd.*** କରୁଛି। ଏହା ଏକ ମିଶ୍ରିତ ବିନିଯୋଗ ଗଠନ ଅନୁସରଣ କରେ, ଯେଉଁଥିରେ ଟଙ୍କା ସିଧାସଳଖ ଷ୍ଟାର୍ଟଅପ୍‌ଗୁଡ଼ିକୁ ଏବଂ ଅନ୍ୟ ଭେଞ୍ଚର ଫଣ୍ଡ ମାଧ୍ୟମରେ ପ୍ରୟୋଗ କରାଯାଏ। ଏହି ଉଦ୍ୟମ କୃଷି-ପ୍ରଯୁକ୍ତି, ଖାଦ୍ୟ ପ୍ରକ୍ରିୟାକରଣ, ଡେଅରୀ ଏବଂ ଗ୍ରାମୀଣ ଯୋଗାଣ ଶୃଙ୍ଖଳା ପରି କ୍ଷେତ୍ରଗୁଡ଼ିକୁ କେନ୍ଦ୍ରରେ ରଖିଛି। ଏହାର ବ୍ୟାପକ ଲକ୍ଷ୍ୟ ହେଉଛି ଉଭାବନକୁ ପ୍ରୋତ୍ସାହନ ଦେବା, ରୋଜଗାର ସୃଷ୍ଟି କରିବା







# ୨୧୯ ନୂତନ ପ୍ରାଣିଚିକିତ୍ସାଳୟ ଓ ଲ୍ୟାବ ପାଇଁ ୧୭୭ କୋଟିର MoU ସ୍ୱାକ୍ଷରିତ

ଭୁବନେଶ୍ୱର:ବିଶ୍ୱ ପ୍ରାଣିଚିକିତ୍ସା ଦିବସ ଅବସରରେ ଶନିବାର ରାଜ୍ୟ କନଭେନସନ ସେଣ୍ଟର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରାଣିସମ୍ପଦ, ପ୍ରାଣିସ୍ୱାସ୍ଥ୍ୟ ଓ ମତ୍ସ୍ୟପାଳନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଏହି ଅବସରରେ ପ୍ରାଣିସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଆଜି ରାଜ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାରେ ନିର୍ମିତ ୭୬ ଟି ପ୍ରାଣିଚିକିତ୍ସାଳୟ ଓ ୪ ଟି ପ୍ରାଣୀ ସହାୟତା କେନ୍ଦ୍ରର ନୂତନ ଗୃହ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଛନ୍ତି। ଏହାସହିତ ୧୭୭ କୋଟି ଟଙ୍କା ବିନିଯୋଗରେ ୨୧୯ଟି ନୂତନ ପ୍ରାଣିଚିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲ୍ୟାବ ନିର୍ମାଣ ପାଇଁ ୬ଟି ଚୁକ୍ତି ସହ ଗକ୍ଷ୍ଟ ମଧ୍ୟ ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ପତ୍ରରେ କଟକର ଫୁଲନଖରାରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଏକ ରାଜ୍ୟସ୍ତରୀୟ ମଲିକ୍ୟୁଲାର ଲ୍ୟାବୋରେଟୋରୀ ସ୍ଥାପନ ହେବ। ସେହିପରି ପଶୁ ଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ଖାଦ୍ୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହି ଅବସରରେ ଓପୋଲଫେଡ଼ର ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' (Aseel) ଚିକେନର ବିପଣନ କେନ୍ଦ୍ରର ଶୁଭାରମ୍ଭ କରିଥିବାବେଳେ ଏହା କୁକୁଡ଼ାପାଳକମାନଙ୍କୁ ଉଚିତ ମୂଲ୍ୟ ଦେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ଆଜି ୫୦ କୋଟି ଟଙ୍କା ବ୍ୟୟରେ ଭଦ୍ରକର କସିଆ ଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତିକରଣ କାର୍ଯ୍ୟ ଉଦଘାଟିତ ହୋଇଛି।କାର୍ଯ୍ୟକ୍ରମମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରାଣିଚିକିତ୍ସକମାନେ କଥା କହିପାରୁନଥିବା ପ୍ରାଣୀମାନଙ୍କର ଚିକିତ୍ସା କରନ୍ତି। ପ୍ରକୃତରେ ସେମାନେ ମହାନ। ଜୀବଜନ୍ତୁମାନଙ୍କ ପାଇଁ ସାକ୍ଷାତ ଭଗବାନ ହେଲେ ଆମ Veterinary Doctor ମାନେ। ଓଡ଼ିଶାରେ କୃଷକଙ୍କ ଆୟ ବୃଦ୍ଧି ପାଇଁ କେବଳ ପାରମ୍ପରିକ ଚାଷ ପର୍ଯ୍ୟାପ୍ତ ନୁହେଁ। ମାଛଚାଷ, ଗୋପାଳନ, କୁକୁଡ଼ା ପାଳନ, ଛେଳି-ମେଣ୍ଢା ପାଳନ ପରି ଆନୁଷଙ୍ଗିକ କୃଷିକୁ ଆଗେଇ ନେବା ଆବଶ୍ୟକ। ଆମର ଲକ୍ଷ୍ୟ କେବଳ ଚାଷୀଙ୍କ ଆୟ ଦୁଇଗୁଣ କରିବା ନୁହେଁ, ବହୁଗୁଣିତ କରିବା ବୋଲି ସେ ଉଲ୍ଲେଖ କରିଥିଲେ।ରାଜ୍ୟରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି। ୧,୪୨୩ କୋଟି ଟଙ୍କା ବ୍ୟୟରେ ଚାଲୁଥିବା ଏହି ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚବର୍ଷରେ ୧୫ ଲକ୍ଷରୁ ଅଧିକ ଗୋପାଳକ ଉପକୃତ ହେବେ। ଉଚ୍ଚ ଦୁଗ୍ଧ ଉତ୍ପାଦନକାରୀ ଗାଈ ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ଦିଆଯାଉଛି।ସେହିପରି ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଅଧୀନରେ ନୂତନ ଗୋଶାଳା, ଖାଦ୍ୟ, ରକ୍ଷଣାବେକ୍ଷଣ ଓ ସ୍ୱାସ୍ଥ୍ୟସେବା ପାଇଁ ୩୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି।କୁକୁଡ଼ାପାଳନ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ପ୍ରାଣିସମ୍ପଦ ସମୃଦ୍ଧି ଯୋଜନା ମାଧ୍ୟମରେ ୧,୦୩୧ କୋଟି ଟଙ୍କା ବ୍ୟୟ ହେବା ସହ ୩.୭୩ ଲକ୍ଷ ପରିବାର ଉପକୃତ ହେବେ ବୋଲି ସେ କହିଥିଲେ।ଚଳିତ ବର୍ଷର ପ୍ରସଙ୍ଗ ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପ୍ରାଣିଚିକିତ୍ସକ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ରାଜ୍ୟର ଅର୍ଥନୀତିରେ ପ୍ରାଣିସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ବର୍ଣ୍ଣନା କରିଛନ୍ତି। ସେ କହିଥିଲେ ଯେ, ପ୍ରାଣୀ ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଓ ସାର୍ବଜନୀନ ସ୍ୱାସ୍ଥ୍ୟକୁ ସମନ୍ୱୟ କରି One Health ଆଭିମୁଖ୍ୟକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ। ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଅନୁସାରେ ରାଜ୍ୟକୁ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନରେ ଆତ୍ମନିର୍ଭର କରାଯିବ। ୨୦୪୭ ସୁଦ୍ଧା ଅଣ୍ଡା ଉତ୍ପାଦନରେ ଓଡ଼ିଶାକୁ ଦେଶର ପଞ୍ଚମ ସ୍ଥାନକୁ ନେବା ଲକ୍ଷ୍ୟ ରଖାଯାଇଛି। ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ହାତପାହାନ୍ତାରେ ପହଞ୍ଚାଇବା ପାଇଁ ଆମ ସରକାର ୨୦୦୦ ପ୍ରଶିକ୍ଷିତ 'A-HELP' (ଗୋଷ୍ଠୀ ପ୍ରାଣିସ୍ୱାସ୍ଥ୍ୟ କର୍ମୀ) ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି କର୍ମୀମାନେ ଗ୍ରାମାଞ୍ଚଳରେ ଟୀକାକରଣ କ୍ଷେତ୍ରରେ ଚାଷୀମାନଙ୍କୁ ସହାୟତା କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସଫଳ ପ୍ରାଣିଚିକିତ୍ସକ, ପ୍ରାଣିପାଳକ ଓ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ସେମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ।

## ମହାରାଷ୍ଟ୍ର ରାଜ୍ୟ ସମବାୟ ବ୍ୟାଙ୍କର ଐତିହାସିକ ସଫଳତା

# ୭୦୨ କୋଟି ଟଙ୍କାର ସର୍ବାଧିକ ନିଟ୍ ଲାଭ

ମହାରାଷ୍ଟ: ମହାରାଷ୍ଟ୍ର ରାଜ୍ୟ ସମବାୟ ବ୍ୟାଙ୍କ ୨୦୨୫-୨୬ ଆର୍ଥିକ ବର୍ଷରେ ୭୦୨ କୋଟି ଟଙ୍କାର ସର୍ବକାଳୀନ ସର୍ବାଧିକ ନିଟ୍ ଲାଭ ହାସଲ କରି ସମବାୟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଉପରୋକ୍ତ ଆର୍ଥିକ ବର୍ଷଟିରେ ବ୍ୟାଙ୍କ ପ୍ରାୟ ସମସ୍ତ ଆର୍ଥିକ ସୂଚକରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବାବେଳେ, ଏନ୍‌ପିଏରେ ସାମାନ୍ୟ ବୃଦ୍ଧି ଦେଖାଯାଇଛି।

ବ୍ୟାଙ୍କର ଆର୍ଥିକ ପ୍ରଦର୍ଶନ ସମ୍ପର୍କରେ ପ୍ରଶାସନିକ ବୋର୍ଡର ଅଧ୍ୟକ୍ଷ ବିଦ୍ୟାଧର ଆନାସ୍କର କହିଛନ୍ତି ଯେ, ୨୦୨୨ ମସିହାରୁ ବ୍ୟାଙ୍କ ପ୍ରତିବର୍ଷ ୬୦୦ କୋଟି ଟଙ୍କାରୁ ଅଧିକ ନିଟ୍ ଲାଭ ଅର୍ଜନ କରୁଛି। ୨୦୨୨ରେ ଏହା ୬୦୩ କୋଟି ଟଙ୍କା ଥିବାବେଳେ, ୨୦୨୬ରେ ଏହା ବୃଦ୍ଧି ପାଇ ୭୦୨ କୋଟି ଟଙ୍କାକୁ ପହଞ୍ଚିଛି।

ସେ କହିଛନ୍ତି ଯେ, ବିଶ୍ୱ ଭୂ-ରାଜନୈତିକ ପରିସ୍ଥିତି ଯୋଗୁଁ ବଣ୍ଡ ବଜାରରେ ତୀବ୍ର ପତନ ଘଟିଥିଲା। ଏହାପରେ ମାର୍ଚ୍ଚ ୨୦୨୬ର ଶେଷ ସପ୍ତାହରେ ବ୍ୟାଙ୍କ ୨୦୮ କୋଟି ଟଙ୍କାର **IDR** ପ୍ରଭିଜନ କରିଥିଲା। ଏହି ପ୍ରଭିଜନ ନ ଥିଲେ, ନିଟ୍ ଲାଭ ୯୧୦ କୋଟି ଟଙ୍କାକୁ ଛୁଇଁପାରୁଥାନ୍ତା।

୨୦୨୫-୨୬ ଆର୍ଥିକ ବର୍ଷରେ ବ୍ୟାଙ୍କର ମୋଟ ବ୍ୟବସାୟ ୫୬,୨୫୦ କୋଟି ଟଙ୍କାରେ ପହଞ୍ଚିଥିବାବେଳେ, ନିଜସ୍ୱ ପାଣ୍ଠି ୮,୧୬୦ କୋଟି ଟଙ୍କା ରହିଛି। ବ୍ୟାଙ୍କର ନିଟ୍ ମୂଲ୍ୟ (**Net Worth**) ୫,୭୪୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ପ୍ରତି କର୍ମଚାରୀ ପିଛା ବ୍ୟବସାୟ ୬୮ କୋଟି ଟଙ୍କା ଥିବାରୁ ବ୍ୟାଙ୍କର କାର୍ଯ୍ୟକୁଶଳତା ସ୍ପଷ୍ଟ ହେଉଛି।

ବ୍ୟାଙ୍କର ପୁଞ୍ଜି ପର୍ଯ୍ୟାପ୍ତତା ଅନୁପାତ (**CRAR**) ୧୮.୩୦ ପ୍ରତିଶତ ଏବଂ ସମ୍ପତ୍ତି ଉପରେ ଫେରତ (**ROA**) ୧.୪୮ ପ୍ରତିଶତ ରହିଛି, ଯାହା ଏହାର ଦୃଢ଼ ଆର୍ଥିକ ସ୍ଥିତିକୁ ପ୍ରତିଫଳିତ କରୁଛି।

ସମ୍ପତ୍ତି ଗୁଣବତ୍ତା ମଧ୍ୟ ନିୟନ୍ତ୍ରଣରେ ରହିଛି। ଗ୍ରସ୍ ଏନ୍‌ପିଏ ୮.୪୬ ପ୍ରତିଶତ, ନେଟ୍ ଏନ୍‌ପିଏ ୧.୬୫ ପ୍ରତିଶତ ଏବଂ ପ୍ରଭିଜନ କଭରେଜ୍ ଅନୁପାତ ୮୨ ପ୍ରତିଶତ ରହିଛି। ଆର୍ଥିକ ସଫଳତା ସହିତ ବ୍ୟାଙ୍କ ସାମାଜିକ ଦାୟିତ୍ୱ ପାଳନରେ ମଧ୍ୟ ଅଗ୍ରଣୀ ରହିଛି। ଅକାଳ ବର୍ଷାରେ କ୍ଷତିଗ୍ରସ୍ତ କୃଷକମାନଙ୍କ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିକୁ ୧୦ କୋଟି ଟଙ୍କା ଅନୁଦାନ ଦିଆଯାଇଛି।

୨୦୨୪ ପରେ ଅବସର ନେଇଥିବା କର୍ମଚାରୀମାନଙ୍କ ପାଇଁ ମାସିକ ୧୦,୦୦୦ ଟଙ୍କାର ପେନ୍‌ସନ୍ ଯୋଜନା ଆରମ୍ଭ କରାଯାଇଛି। ଏହାସହ, ଗୁରୁତର ରୋଗରେ ପୀଡ଼ିତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରତିମାସ ୫,୦୦୦ ଟଙ୍କାର ସ୍ୱାସ୍ଥ୍ୟ ସହାୟତା ମଧ୍ୟ ପ୍ରଦାନ କରାଯାଉଛି। ଶଲ୍ୟଚିକିତ୍ସା ପାଇଁ ଆର୍ଥିକ ସହାୟତା ସହିତ କ୍ରୀଡ଼ା ଓ ସମବାୟ କ୍ଷେତ୍ରର ଉନ୍ନତି ପାଇଁ ୯୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି।

ଡିଜିଟାଲ ଯୁଗ ସହ ତାଳମେଳ ରଖି ବ୍ୟାଙ୍କ ଭାଶୀସ୍ଥିତ ପ୍ରଶାସନିକ ଭବନରେ ଅତ୍ୟାଧୁନିକ 'ସହକାର ସୁରକ୍ଷା' ସାଇବର ସୁରକ୍ଷା କେନ୍ଦ୍ର ସ୍ଥାପନ କରିଛି, ଯାହା ଦେଶର ପ୍ରଥମ ଏପରି ପଦକ୍ଷେପମାନଙ୍କ ମଧ୍ୟରୁ ଗୋଟିଏ। ଗ୍ରାହକ ସୁବିଧା ପାଇଁ ଟଚଓ ଓ ଛଜ କୋଡ୍ ଆଧାରିତ ଡିଜିଟାଲ ପେମେଣ୍ଟ ସେବା ମଧ୍ୟ ଆରମ୍ଭ କରାଯାଇଛି। ଆର୍ଥିକ ପ୍ରଦର୍ଶନ, ପ୍ରଯୁକ୍ତିଗତ ଉନ୍ନତି ଓ ସାମାଜିକ ଦାୟିତ୍ୱରେ ସମତୁଳିତ ଦୃଷ୍ଟିକୋଣ ଅବଲମ୍ବନ କରି ମହାରାଷ୍ଟ୍ର ରାଜ୍ୟ ସମବାୟ ବ୍ୟାଙ୍କ ସମବାୟ କ୍ଷେତ୍ରରେ ଏକ ଆଦର୍ଶ ଅନୁଷ୍ଠାନ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି।

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଜୟନ୍ତୀ

# ସମବାୟ ବିଭାଗର ନିରବତାକୁ ନେଇ ପ୍ରଶ୍ନ !

ଭୁବନେଶ୍ୱର: ଓଡ଼ିଆ ଭାଷା ଓ ଜାତିର ଗର୍ବ ଏବଂ ଗୌରବ, ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କ ୧୭୮ତମ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ପବିତ୍ର ସ୍ମୃତିକୁ ଶତ୍‌ଶତ୍ ନମନ ଜଣାଯାଉଛି। ସାରା ଓଡ଼ିଶାରେ ଭକ୍ତିଭାବରେ ମଧୁବାବୁଙ୍କ ଜନ୍ମ ଉତ୍ସବ ପାଳନ କରାଯାଉଥିବା ବେଳେ, ସମବାୟ ବିଭାଗ ପକ୍ଷରୁ କୌଣସି ପ୍ରକାର ସୂଚନା ଓ କାର୍ଯ୍ୟକ୍ରମ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଉଛି।ପ୍ରତିବର୍ଷ ସମବାୟ ସପ୍ତାହ ଅବସରରେ ମଧୁବାବୁଙ୍କ ଫଟୋରେ ଫୁଲମାଳା ଦେଇ ସମ୍ମାନ ଜଣାଯାଉଥିବା ସତ୍ତ୍ୱେ, ତାଙ୍କ ଜନ୍ମ ଜୟନ୍ତୀ ଦିନେ ଏପରି ନିରବତା ଥିବା ଘଟଣା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ସମବାୟ ଆନ୍ଦୋଳନରେ ତାଙ୍କ ଅସାଧାରଣ ଅବଦାନକୁ ମନେ ପକାଇଲେ, ଏହା ଅତ୍ୟନ୍ତ ଦୁଃଖଦ ଓ ଅସ୍ୱୀକାର୍ଯ୍ୟ ବୋଲି ମତ ପ୍ରକାଶ ପାଇଛି।ମଧୁବାବୁଙ୍କ ନେତୃତ୍ୱ, ସମାଜ ସେବା, ଓଡ଼ିଆ ଭାଷା ଓ ଜାତିର ଉନ୍ନତି ସହ ସମବାୟ ଆନ୍ଦୋଳନ ପାଇଁ ତାଙ୍କ ଅମୂଲ୍ୟ ଅବଦାନ ସଦା ସର୍ବଦା ଆମ ପାଇଁ ପ୍ରେରଣାର ଶ୍ରୋତ ହେଇ ରହିବ।ଏହି ପବିତ୍ର ଅବସରରେ ଆସନ୍ତୁ, ଆମେ ସମସ୍ତେ ତାଙ୍କ ଆଦର୍ଶକୁ ଅନୁସରଣ କରି ଓଡ଼ିଶାକୁ ଆହୁରି ଗୌରବମୟ କରିବା ପାଇଁ ସଙ୍କଳ୍ପ କରିବା।

# "ମଧୁବାବୁଙ୍କୁ ଭୁଲିଗଲା କି ସମବାୟ ବିଭାଗ ?" – ୧୭୮ତମ ଜନ୍ମ ଜୟନ୍ତୀରେ ପ୍ରଶ୍ନ ?

ଭୁବନେଶ୍ୱର: ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଜୟନ୍ତୀ ଅବସରରେ ଆଜି ରାଜ୍ୟର ସମସ୍ତ ମଣିଷ ତାଙ୍କର ଅପରିମିତ ଅବଦାନକୁ ସ୍ମରଣ କରୁଥିବା ବେଳେ, ସମବାୟ ବିଭାଗର ଭୂମିକା ଉପରେ ଗଭୀର ପ୍ରଶ୍ନ ଉଠିଛି। ଏହି ଅବସରରେ ଆମକୁ ମନେ ପଡେ ପୂର୍ବତନ ସମବାୟ ନିବନ୍ଧକ, ଓଡ଼ିଶା ଶ୍ରୀ ସୂର୍ଦ୍ଦଶନ ନାୟକ, ଓଇଝ ଙ୍କ କଥା। ୨୦୦୩ ଓ ୨୦୦୪ ମସିହାରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ସର୍କୁଲାର ଜାରି କରିଥିଲେ, ଯାହା ଅନୁସାରେ ପ୍ରତ୍ୟେକ ସମବାୟ ସମିତିରେ ମଧୁବାବୁଙ୍କ ଫଟୋ ରଖିବା ବାଧ୍ୟତାମୂଳକ କରାଯାଇଥିଲା। ସେହିପରି, ସମବାୟ ସମ୍ବନ୍ଧୀୟ କୌଣସି କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମଧୁବାବୁଙ୍କ ଫଟୋ ରେ ପୁଷ୍ପାଞ୍ଜଳି ଦେବାକୁ ମଧ୍ୟ ନିୟମ ରହିଥିଲା। କିନ୍ତୁ ଦୁଃଖର ବିଷୟ, ବିତି ଯାଇଛି ପ୍ରାୟ ୨୩ ବର୍ଷ, ତଥାପି ସେହି ନିର୍ଦ୍ଦେଶନାମା ଆଜି ପ୍ରାୟ ଅଲୋପ ହୋଇଯାଇଛି। ଏହା ଦେଖିବାକୁ ମିଳୁଛି ଯେ, ସମବାୟ ବିଭାଗ ନା ସେହି ସର୍କୁଲାରକୁ ମନେ ରଖିଛି, ନାହିଁ ମଧୁବାବୁଙ୍କ ଆଦର୍ଶକୁ ସମ୍ମାନ ଦେଉଛି।ଏପର୍ଯ୍ୟନ୍ତ ଏହି ପ୍ରଶ୍ନ ଉଠୁଛି ଯେ, ଖୋଦ୍ ସମବାୟ ନିବନ୍ଧକ, ଓଡ଼ିଶାଙ୍କ କାର୍ଯ୍ୟାଳୟରେ ମଧୁବାବୁଙ୍କ ଫଟୋ ଅଛି କି ନାହିଁ, ସେଥିରେ ମଧ୍ୟ ସନ୍ଦେହ ରହିଛି। ଏହି ପବିତ୍ର ଅବସରରେ ଆମର ଦାବି ଯେ, ସମବାୟ ବିଭାଗ , ଓଡ଼ିଶା ତୁରନ୍ତ ପୂର୍ବତନ ସର୍କୁଲାରକୁ ପୁନଃ କାର୍ଯ୍ୟକାରୀ କରନ୍ତୁ ଓ ପ୍ରତ୍ୟେକ ସମବାୟ ସମିତିରେ ମଧୁବାବୁଙ୍କ ଆଦର୍ଶକୁ ସମ୍ମାନ ଦେଇ ସଠିକ୍ ଭାବରେ ପାଳନ କରିବା ପାଇଁ ନିଖିଳ ଓଡ଼ିଶା ସମବାୟ ବିତ୍ ସଂଘ ଦାବି କରୁଛି ।



# ଆର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କ୍‌ଗୁଡ଼ିକ ପାଇଁ ଆରବିଆଇ ନୂତନ ଋଣ ନିୟମାବଳୀ

ନୂଆଦିଲ୍ଲୀ: ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆରବିଆଇ) ଗତ ବୁଧବାର ଦିନ ଆର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କ୍ (**UCBs**) ପାଇଁ ସଂଶୋଧିତ ନିର୍ଦ୍ଦେଶିକା ମାଳା ଜାରି କରିଛନ୍ତି। ଏଥିରେ ଅସୁରକ୍ଷିତ ଋଣ, ଗୃହ ଋଣ ଏବଂ **disclosures** ମାନଦଣ୍ଡଗୁଡ଼ିକୁ ସଂଶୋଧନ କରାଯାଇଛି, ଅପରପକ୍ଷେ ମୁଖ୍ୟ ପ୍ରୁଡେନ୍ସିଆଲ୍ ସୁରକ୍ଷା ବ୍ୟବସ୍ଥାଗୁଡ଼ିକ ଅପରିବର୍ତ୍ତିତ ରଖାଯାଇଛି।

### ଅସୁରକ୍ଷିତ ଋଣ ସମ୍ବନ୍ଧରେ ନୂତନ ନିୟମ

ସଂଶୋଧିତ ଫ୍ରେମ୍ୱାର୍କ ଅନୁଯାୟୀ, **UCB**ଗୁଡ଼ିକ ସେମାନଙ୍କର ମୋଟ ଅଗ୍ରଗାମୀ (**advances**) ର ୨୦% ପର୍ଯ୍ୟନ୍ତ ସମଷ୍ଟିଗତ ଅସୁରକ୍ଷିତ ଋଣ ରଖିପାରିବେ। ଯେଉଁ **UCB**ଗୁଡ଼ିକ ବ୍ୟବସାୟ ଅଧିକାରିକରଣ ପାଇଁ ଯୋଗ୍ୟତା ମାନଦଣ୍ଡ (**ECBA**) ପୂରଣ କରନ୍ତି, ସେମାନଙ୍କ ପାଇଁ ପ୍ରାଥମିକତା କ୍ଷେତ୍ର ଅନ୍ତର୍ଗତ ପ୍ରତି ଋଣଗ୍ରହୀତାଙ୍କୁ ରୁ. ୫୦,୦୦୦ ପର୍ଯ୍ୟନ୍ତ ଅସୁରକ୍ଷିତ ଋଣ ଏହି ସୀମା ବାହାରେ ରହିବ।

### ଏହି ସମଗ୍ର ସୀମା ମଧ୍ୟରେ ଋଣଗ୍ରହୀତା ସ୍ତରରେ ମଧ୍ୟ ସୀମା ନିର୍ଦ୍ଧାରଣ କରାଯାଇଛି:

☛ଟିୟର୍ ୧ ବ୍ୟାଙ୍କ୍ ପାଇଁ: ସର୍ବାଧିକ ରୁ. ୫ ଲକ୍ଷ
☛ଟିୟର୍ ୨ ବ୍ୟାଙ୍କ୍ ପାଇଁ: ସର୍ବାଧିକ ରୁ. ୭.୫ ଲକ୍ଷ
☛ଟିୟର୍ ୩ ଏବଂ ଟିୟର୍ ୪ **UCB**ଗୁଡ଼ିକ ପାଇଁ: ସର୍ବାଧିକ ରୁ. ୧୦ ଲକ୍ଷ

ନାମମାତ୍ର ସଦସ୍ୟମାନଙ୍କୁ ଉପଭୋକ୍ତା ଟେକାସାମଗ୍ରୀ କ୍ରୟ ପାଇଁ ଦିଆଯାଉଥିବା ଋଣ ପ୍ରତି ଋଣଗ୍ରହୀତା ରୁ. ୨.୫ ଲକ୍ଷ ପର୍ଯ୍ୟନ୍ତ ସୀମିତ ରଖାଯାଇଛି (ବାଇଲ ରେ ସମ୍ବନ୍ଧିତ ବ୍ୟବସ୍ଥା ଥିବା କ୍ଷେତ୍ରରେ)।

### ଗୃହ ଋଣ ସମ୍ବନ୍ଧରେ ନୂତନ ବ୍ୟବସ୍ଥା

ଗୃହ ଋଣ କ୍ଷେତ୍ରରେ ଟିୟର୍ ୩ ଏବଂ ଟିୟର୍ ୪ **UCB**ଗୁଡ଼ିକୁ ବୋର୍ଡ୍ ଅନୁମୋଦିତ ନୀତି ଅନୁଯାୟୀ ଋଣର ସମୟକାଳ (**tenor**) ଏବଂ ମୋରାଟୋରିୟମ୍ ଅବଧି ନିର୍ଦ୍ଧାରଣ କରିବାର ଅନୁମତି ଦିଆଯାଇଛି। ତେବେ ଟିୟର୍ ୧ ଏବଂ ଟିୟର୍ ୨ ବ୍ୟାଙ୍କ୍‌ଗୁଡ଼ିକ ପାଇଁ ଗୃହ ଋଣର ସର୍ବାଧିକ ଅବଧି ୨୦ ବର୍ଷ ରହିବ (ସର୍ବାଧିକ ୨୪ ମାସର ମୋରାଟୋରିୟମ୍ ସହିତ), ଯାହା କେବଳ ନିର୍ମାଣାଧୀନ ସମ୍ପତ୍ତି ପାଇଁ ପ୍ରଯୁଜ୍ୟ ହେବ।

### ଅନ୍ୟାନ୍ୟ ପ୍ରୁଡେନ୍ସିଆଲ୍ ବ୍ୟବସ୍ଥା ଓ ପରିବର୍ତ୍ତନ

●**UCB**ଗୁଡ଼ିକୁ ଅନ୍ୟ ବ୍ୟାଙ୍କ୍‌ର ଫିକ୍ସଡ୍ ଡିପୋଜିଟ୍ ଉପରେ ଋଣ ଦେବା ଉପରେ ନିଷେଧ ଲଗାଯାଇଛି। ନିଜର ଡିପୋଜିଟ୍ ଉପରେ ଋଣ ଦେବା କେବଳ ବୋର୍ଡ୍ ଅନୁମୋଦିତ ନୀତି ଅନୁଯାୟୀ ଅନୁମୋଦିତ।

●ଅସୁରକ୍ଷିତ ଅଗ୍ରଗାମୀର ସଂଜ୍ଞାକୁ ଯୁକ୍ତିଯୁକ୍ତ କରାଯାଇଛି। ବେତନ କଟ୍ଟା (**enforceable salary deduction**) ଏବଂ ସ୍ୱଳ୍ପକାଳୀନ ପାଇବା (**short-term receivables**) ଆଦି କେତେକ ଏକ୍ସପୋଜର୍‌କୁ ସୁରକ୍ଷିତ ଋଣ ଭାବେ ଗଣନା କରାଯାଇପାରିବ।

●ସ୍ୱଚ୍ଛତା ବୃଦ୍ଧି ପାଇଁ ଅସୁରକ୍ଷିତ ଋଣ ଏବଂ ନାମମାତ୍ର ସଦସ୍ୟଙ୍କୁ ଦିଆଯାଉଥିବା ଋଣ ଉପରେ ବିସ୍ତୃତ ପ୍ରକାଶନ (**disclosure**) ବାଧ୍ୟତାମୂଳକ କରାଯାଇଛି (ମୋଟ ଅଗ୍ରଗାମୀରେ ସେମାନଙ୍କର ଅଂଶ, **SMA**, **NPA**, ପ୍ରୋଭିଜନିଂ ସ୍ତର ଇତ୍ୟାଦି)। ଏହି ସଂଶୋଧନଗୁଡ଼ିକ ୨୦୨୬ ଅକ୍ଟୋବର୍ ୧ ତାରିଖରୁ କାର୍ଯ୍ୟକାରୀ ହେବ, କିମ୍ବା ଯଦି କୌଣସି ନିର୍ଦ୍ଦିଷ୍ଟ **UCB** ପୂର୍ବରୁ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରେ ତେବେ ତାହା ପୂର୍ବରୁ ଲାଗୁ ହୋଇପାରିବ।

# ମା'ର ଦୁଃଖ

•ମୋନାଲିସା ଦାସ

ମଣିଷ ଜୀବନରେ ସମସ୍ତଙ୍କର କିଛି ନା କିଛି ଦୁଃଖ ଥାଏ । ହେଲେ କିଏ ଦୁଃଖକୁ ନିଜର କରିନିଏ ତ ପୁଣି ଆଖିରୁ ଦୁଇଟୋପା ଲୁହ ଝରାଇ ଦିଏ । କିନ୍ତୁ ବାସ୍ତବିକ ଜୀବନରେ ଦୁଃଖ ହୁଏତ କମ୍ ଲୋକଙ୍କ ପାଇଁ ଆସେ । ଯେଉଁମାନେ କି ଦୁଃଖକୁ ଅତିଆପଣାର କରିନିଅନ୍ତି । ଏମିତି ମା' ଓ ପୁଅର ମୃତ୍ୟୁ ଘଟଣାକୁ କେହି କି ସହ୍ୟ କରିପାରିବେ ନାହିଁ । ଗତ ୨ ଦିନ ତଳେ ନର୍ମଦା ନଦୀରେ ୪ ବର୍ଷର ପୁଅକୁ ଛାତିରେ ଜାବୁଡ଼ି ଧରି ଥିବା ମା' ଓ ପୁଅର ଶବ ସାରା ଦେଶକୁ ଦେଶକୁ ସ୍ତବ୍ଧ କରିଦେଇଛି । କିଏ ଜାଣେ କେତେବେଳେ ମା' ର ଅମାପ ସ୍ନେହ କେଉଁ ଅଜଣା ରାଇଜରେ ହଜିଯିବ ।

ମଧ୍ୟପ୍ରଦେଶର ଜବଲପୁର ଜିଲ୍ଲାର ବରଗୀ ଡ୍ୟାମ୍‌ରେ ଏକ ପର୍ଯ୍ୟଟକ ନୌକା ବୁଡ଼ିଯିବା ଫଳରେ ଅତିକମରେ ୯ ଜଣଙ୍କର ମୃତ୍ୟୁ ଘଟିଛି । ପ୍ରବଳ ପବନ ଓ ଝଡ଼ ଯୋଗୁଁ ଏକ ପର୍ଯ୍ୟଟକ ନୌକା ନର୍ମଦା ନଦୀରେ ବୁଡି ଯାଇଥିଲା । ଫଳରେ ମୃତ୍ୟୁ ପୂର୍ବରୁ ମା' ଜଣକ ନିଜ ପୁଅକୁ ବଞ୍ଚାଇବା ପାଇଁ ଛାତିରେ ଜାବୁଡ଼ି ଧରିଥିବା ଅବସ୍ଥାରେ ଶବ ମିଳିବା ସମସ୍ତଙ୍କ ଆଖିରେ ଲୁହ ଭରିଦେଇଛି। ମାତ୍ର କେଇ ସେକେଣ୍ଡ ମଧ୍ୟରେ ପାଣି ନୌକା ଭିତରକୁ ପଶିଯାଇଥିଲା ଏବଂ ସବୁକିଛି ଓଲଟପାଲଟ ହୋଇଯାଇଥିଲା। ସେ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ପାଣି ମଧ୍ୟରେ ଫସି ରହିବା ପରେ ଚିତ୍କାର ଶୁଣି ଉଦ୍ଧାରକାରୀ ଦଳ ତାଙ୍କୁ ବଞ୍ଚାଇଥିଲେ। ତେବେ ତାଙ୍କ ପତ୍ନୀ, ଶାଶୁ ଓ ନାତି ଏବେ ବି ନିଖୋଜ। ଏସଡିଆରଏଫ୍ ଓ ସ୍ଥାନୀୟ ପୋଲିସ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି କରାଯାଇଥିଲା। ନୌକାର ଚାଳକ ଜଣକ ଲାଇଫ୍ ଜ୍ୟାକେଟ୍ ପିନ୍ଧିଥିବାରୁ ସେ ବଞ୍ଚି ଯାଇଛନ୍ତି। ନୌକାରେ କ୍ଷମତାଠାରୁ ଅଧିକ ଯାତ୍ରୀ ବସିଥିଲେ। ଓଭରଲୋଡିଂ ଯୋଗୁଁ ଭାରସାମ୍ୟ ହରାଇ ନୌକାଟି ପାଣିରେ ବୁଡ଼ି ଯାଇଥିବା ସନ୍ଦେହ କରାଯାଉଛି। ଦୁର୍ଘଟଣା ପରେ ସ୍ଥାନୀୟ ବାସିନ୍ଦା ଏବଂ ପ୍ରଶାସନିକ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୨୨ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି।

୨୦୦୬ ମସିହାରୁ ପର୍ଯ୍ୟଟନ କାର୍ଯ୍ୟକଳାପର ଅଂଶ ଭାବରେ ବର୍ଗୀ ଡ୍ୟାମରେ କ୍ରୁଜ୍ ପରିଚାଳନା ଚାଲିଛି। ଏଠାରେ ଦୁଇଟି ଜାହାଜ ଚାଲୁଛି। ଗୋଟିଏ ହାଉସ୍ ବୋଟ୍ ଏବଂ ଗୋଟିଏ ମିନି-କ୍ରୁଜ୍ ଡଙ୍ଗା। ରିପୋର୍ଟ ଅନୁଯାୟୀ ଦୁର୍ଘଟଣାଗ୍ରସ୍ତ କ୍ରୁଜ୍ ଡଙ୍ଗାଟି ୪୦ ରୁ ଅଧିକ ଯାତ୍ରୀଙ୍କୁ ନେଇଯାଉଥିଲା। ପ୍ରତି ବ୍ୟକ୍ତି ପିଛା ଟିକେଟ୍ ମୂଲ୍ୟ ପ୍ରାୟ ୨୦୦ ରୁ ୨୨୦ ଟଙ୍କା ପର୍ଯ୍ୟନ୍ତ, ଯେତେବେଳେ ପାଞ୍ଚ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ମାଗଣାରେ ଯାତ୍ରା କରିବାକୁ ଅନୁମତି ଦିଆଯାଇଛି । ଯାହା ଫଳରେ କି ଏହି ମହିଳା ଜଣକ ନିଜର ପୁଅକୁ ରକ୍ଷା କରିବା ପାଇଁ ଲାଇଫ ଜ୍ୟାକେଟ ପିନ୍ଧିଥିଲେ । ଭଗବାନଙ୍କର ନିୟତି କାହା ପାଇଁ କେତେବେଳେ ଯେ, କ'ଣ ହେବ ତାହା କହିବା ସମ୍ଭବ ନୁହେଁ ।

ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଏହି ଦୁଃଖଦ ଦୁର୍ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତାର ଆଶ୍ୱାସନା ଦେବା ସହିତ, ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ଘୋଷଣା କରିଛନ୍ତି। ଏହା ବ୍ୟତୀତ, ମୁଖ୍ୟମନ୍ତ୍ରୀ ସଂପୃକ୍ତ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ଘଟଣାସ୍ଥଳ ପରିଦର୍ଶନ କରିବାକୁ ଏବଂ ବ୍ୟକ୍ତିଗତ ଭାବରେ ଚାଲିଥିବା ରିଲିଫ୍ କାର୍ଯ୍ୟ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ, ପ୍ରଶାସନର ସର୍ବାଧିକ ପ୍ରାଥମିକତା ହେଉଛି ନିଖୋଜ ବ୍ୟକ୍ତିଙ୍କୁ ଖୋଜିବା ଏବଂ ଦୁର୍ଘଟଣାର କାରଣ ତଦନ୍ତ କରିବା।

# ଭାରତ ପାଇଁ ଏକ ନୂତନ ଜଳବାୟୁ ସଙ୍କଟ



ଭାରତରେ ଗ୍ରୀଷ୍ମ ଋତୁ ଏବେ କେବଳ ଉଚ୍ଚ ତାପମାତ୍ରାର କାହାଣୀ ନୁହେଁ, ବରଂ ଏକ ନୂତନ ଏବଂ ଅଧିକ ବିପଜ୍ଜନକ ରୂପ ନେଉଛି। ୪୫ ଡିଗ୍ରୀରୁ ଅଧିକ ତାପମାତ୍ରା ଏକ ସାଧାରଣ ଘଟଣା ହୋଇଥିବା ବେଳେ ବାୟୁରେ ଥିବା ଅତ୍ୟଧିକ ଆର୍ଦ୍ରତା ବା ଓଦାଳିଆ ଅଂଶ ଏହି ଉତ୍ତାପକୁ ଏକ ନିଃଶବ୍ଦ ହତ୍ୟାକାରୀ ବିପଦରେ ପରିଣତ କରୁଛି। ବୈଜ୍ଞାନିକମାନଙ୍କର ଏକ ନୂତନ ଅଧ୍ୟୟନ ଅନୁଯାୟୀ, ଏହି ଆର୍ଦ୍ରତାଯୁକ୍ତ ଗ୍ରୀଷ୍ମ ପ୍ରବାହ ଭାରତର ସର୍ବାଧିକ ବିପଜ୍ଜନକ ଜଳବାୟୁ ସଙ୍କଟ ହୋଇ ଉଠିଛି। ଉପକୂଳବର୍ତ୍ତୀ ଅଞ୍ଚଳଠାରୁ ଆରମ୍ଭ କରି ଜନବହୁଳ ସମତଳ ଭୂମି ପର୍ଯ୍ୟନ୍ତ ସର୍ବତ୍ର ମାନବ ଶରୀର ଏହାର ସହନଶୀଳତା ସୀମା ଅତିକ୍ରମ କରୁଛି। ଏହି ପରିସ୍ଥିତି ପାରମ୍ପରିକ ଶୁଷ୍କ ଗ୍ରୀଷ୍ମ ପ୍ରବାହଠାରୁ ବହୁଗୁଣ ଅଧିକ ମାରାତ୍ମକ, କାରଣ ଏହା ଶରୀରର ପ୍ରାକୃତିକ ଥଣ୍ଡା ହେବାର କ୍ଷମତାକୁ ସମ୍ପୂର୍ଣ୍ଣ ଭାବେ ବିଫଳ କରିଦେଇଥାଏ।

ଯେତେବେଳେ ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ଥାଏ, ସେତେବେଳେ ଶରୀରରୁ ବାହାରୁଥିବା ଝାଳ ଶୀଘ୍ର ବାଷ୍ପୀଭୂତ ହୋଇପାରେ ନାହିଁ। ଶୁଷ୍କ ପାଣିପାଗରେ ଝାଳ ଶୀଘ୍ର ଶୁଖି ଶରୀରକୁ ଥଣ୍ଡା କରେ, କିନ୍ତୁ ଓଦାଳିଆ ବାୟୁରେ ଝାଳ ଚର୍ମରେ ଲାଗି ରହିଥାଏ। ଏହାଫଳରେ ଶରୀର ନିଜକୁ ଥଣ୍ଡା କରିବାର ପ୍ରାକୃତିକ ବ୍ୟବସ୍ଥା ବିଫଳ ହୋଇଯାଏ ଏବଂ ହୃଦୟକୁ ଅଧିକ ପରିଶ୍ରମ କରିବାକୁ ପଡ଼େ। ଅତ୍ୟଧିକ କ୍ଷେତ୍ରରେ ଏହା କେବଳ କିଛି ଘଣ୍ଟା ମଧ୍ୟରେ 'ହିଟ୍ ଷ୍ଟ୍ରୋକ୍' ବା ଅଂଶୁଘାତ ସୃଷ୍ଟି କରିପାରେ ଏବଂ ଜୀବନ ପାଇଁ ବିପଦ ଆଣିପାରେ। ବୈଜ୍ଞାନିକମାନେ ଏହି ବିପଦକୁ ମାପିବା ପାଇଁ 'ୱେଟ୍ ବଲ୍ବ' ତାପମାତ୍ରା ପ୍ରଣାଳୀ ବ୍ୟବହାର କରନ୍ତି। ଏହା କେବଳ ବାୟୁର ସାଧାରଣ ତାପମାତ୍ରା ନୁହେଁ, ବରଂ ଆର୍ଦ୍ରତା ସହିତ ମିଶି ଶରୀର କେତେ ଶୀଘ୍ର ଥଣ୍ଡା ହୋଇପାରିବ ତାହାର ସୂଚନା ଦେଇଥାଏ। ଏହି ମାପ ଅନୁଯାୟୀ, ଯେତେବେଳେ ୱେଟ୍ ବଲ୍ବ ତାପମାତ୍ରା ଅଧିକ ହୁଏ, ସେତେବେଳେ ମୋବାଇଲ୍ ଫୋନରେ ଦେଖାଯାଉଥିବା ସାଧାରଣ ତାପମାତ୍ରା କମ୍ ଥିଲେ ମଧ୍ୟ ଶରୀର ପାଇଁ ସେହି ପରିବେଶ ଅସହ୍ୟ ହୋଇ ପରେ।

ଏହି ଆର୍ଦ୍ରତାଯୁକ୍ତ ଗ୍ରୀଷ୍ମ ପ୍ରବାହର ପ୍ରଭାବ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ସର୍ବାଧିକ ଦେଖାଯାଉଛି ଏବଂ ଏଥିରେ କେରଳ ସର୍ବାଗ୍ରେ ଅଛି। ଆରବ ସାଗରର ନିକଟତା, ଉଷ୍ମ ସମୁଦ୍ର ଜଳ ଏବଂ ପ୍ରଚୁର ସବୁଜିମା ଯୋଗୁଁ କେରଳର ଉପକୂଳ ଜିଲ୍ଲାଗୁଡ଼ିକ ଏହି ବିପଦର ମୁଖ୍ୟ କେନ୍ଦ୍ର ହୋଇ ପଡ଼ିଛି। ମୌସୁମୀ ଋତୁରେ ବର୍ଷା ବନ୍ଦ ହୋଇଯିବା ସମୟରେ ବାୟୁମଣ୍ଡଳରେ ଥିବା ପ୍ରଚୁର ଜଳୀୟ ବାଷ୍ପ ଏବଂ ସୂର୍ଯ୍ୟର ପ୍ରଖର କିରଣ ମିଶି ଏକ ଗୁଳୁଗୁଳି ପରିବେଶ ସୃଷ୍ଟି କରେ। ଏହି ପରିସ୍ଥିତି ଶରୀରର ଝାଳ ବାଷ୍ପୀଭବନ ପ୍ରକ୍ରିୟାକୁ ପୂରାପୂରି ବନ୍ଦ କରିଦେଇଥାଏ, ଯାହାଫଳରେ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼େ। ଉପକୂଳବର୍ତ୍ତୀ ଅଞ୍ଚଳରେ ସବୁଜିମା ଏବଂ ସମୁଦ୍ରର ଆର୍ଦ୍ର ବାୟୁ ଯୋଗୁଁ ଏହି ଘଟଣା ଅଧିକ ଘନଘନ ଏବଂ ତୀବ୍ର ହେଉଛି। ଗ୍ରୀଷ୍ମ ପ୍ରବାହର ଏହି ନୂତନ ରୂପ ଶୁଷ୍କ ଅଞ୍ଚଳର 'ଲୁ' ପବନଠାରୁ ବହୁଗୁଣ ଅଧିକ କ୍ଷତିକାରକ, କାରଣ ଏହା ଶରୀରର ଥଣ୍ଡା ହେବାର ସମଗ୍ର ବ୍ୟବସ୍ଥାକୁ ଅକର୍ମଣ୍ୟ କରିଦେଇଥାଏ।

ଏହି ସଙ୍କଟର ଏକ ଆଶ୍ୱାସଜନକ ଦିଗ ହେଉଛି ଯେ, ବୈଜ୍ଞାନିକମାନେ ଏହି ଆର୍ଦ୍ରତାଯୁକ୍ତ ଗ୍ରୀଷ୍ମ ପ୍ରବାହକୁ ପ୍ରାୟ ଚାରି ସପ୍ତାହ ପୂର୍ବରୁ ଆକଳନ କରିପାରୁଛନ୍ତି। ଏହି ପୂର୍ବାନୁମାନ ସରକାରୀ ଯୋଜନା ଏବଂ ସତର୍କତା ପ୍ରଣାଳୀକୁ ନୂତନ ରୂପ ଦେବାରେ ସହାୟକ ହେବ। ବର୍ତ୍ତମାନର ଗ୍ରୀଷ୍ମ ପରିଚାଳନା ଯୋଜନା ମୁଖ୍ୟତଃ କେବଳ ସାଧାରଣ ତାପମାତ୍ରା ଉପରେ ଆଧାରିତ, ଯାହାକି ଏହି ନୂତନ ସଙ୍କଟ ସମୟରେ ଅପର୍ଯ୍ୟାପ୍ତ ହୋଇପଡ଼ିଛି। ଏବେ ଆର୍ଦ୍ରତାକୁ ମଧ୍ୟ ସାମିଲ କରି ନୂଆ ସତର୍କତା ପ୍ରଣାଳୀ ପ୍ରସ୍ତୁତ କରିବା ଆବଶ୍ୟକ। ଏହାଦ୍ୱାରା ଶ୍ରମିକମାନଙ୍କର କାର୍ଯ୍ୟ ସମୟ ପରିବର୍ତ୍ତନ କରିହେବ, ଚିକିତ୍ସା ସୁବିଧା ପୂର୍ବରୁ ପ୍ରସ୍ତୁତ ରଖାଯାଇପାରିବ ଏବଂ ଅନେକ ଜୀବନ ରକ୍ଷା କରିହେବ। ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ, ବିଶେଷ କରି କେରଳରେ ଏହି ପ୍ରଣାଳୀର ତୁରନ୍ତ କାର୍ଯ୍ୟକାରିତା ଏବେ ଅତ୍ୟନ୍ତ ଜରୁରୀ।

ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମୁଦ୍ରର ତାପମାତ୍ରା ବଢୁଛି ଏବଂ ମୌସୁମୀର ପ୍ରକୃତି ବଦଳୁଛି, ଯାହା ଏହି ଆର୍ଦ୍ରତାଯୁକ୍ତ ଗ୍ରୀଷ୍ମ ପ୍ରବାହକୁ ଆହୁରି ତୀବ୍ର କରୁଛି। ଏହା କେବଳ ସ୍ୱାସ୍ଥ୍ୟ ଉପରେ ନୁହେଁ, ବରଂ ଶ୍ରମ, କୃଷି ଏବଂ ଦୈନନ୍ଦିନ ଜୀବନଧାରା ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ଏହି ନୂତନ ସଙ୍କଟର ମୁକାବିଲା କରିବା ପାଇଁ ସରକାରୀ ସ୍ତରରେ ନୂତନ ନୀତି, ଜନସଚେତନତା ଏବଂ ଆଗୁଆ ପ୍ରସ୍ତୁତି ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଯଦି ଆମେ ଏବେ ଆର୍ଦ୍ରତାକୁ ମଧ୍ୟ ବିବେଚନା କରି ସତର୍କତା ବ୍ୟବସ୍ଥା ମଜବୁତ କରୁ, ତେବେ ହିଁ ଏହି ନିଃଶବ୍ଦ ହତ୍ୟାକାରୀ ବିପଦରୁ ଜନଜୀବନକୁ ରକ୍ଷା କରିପାରିବୁ। ଏହା ଭାରତର ଜଳବାୟୁ ସଙ୍କଟର ଏକ ନୂତନ ଅଧ୍ୟାୟ ଏବଂ ଏହାର ସଠିକ୍ ମୁକାବିଲା ଆମର ଭବିଷ୍ୟତ ସୁରକ୍ଷିତ କରିବାରେ ସହାୟକ ହେବ।

# ସାଇବର ଦୁନିଆରେ ହଜିଯାଉଛି ମାନବୀୟ ସତ୍ତା

ଆମେ ଯେଉଁ ଡିଜିଟାଲ୍ ଦୁନିଆରେ ବାସ କରୁଛୁ, ତାହା ଆଉ ପୂର୍ବ ଭଳି ନାହିଁ। ଏକ ସମୟରେ ଇଣ୍ଟରନେଟ୍ ମାନବଜାତିକୁ ପରସ୍ପର ସହ ଯୋଡ଼ିବାର ଏକ ମୁକ୍ତ ଏବଂ ଜୀବନ୍ତ ମାଧ୍ୟମ ଥିଲା, ଯେଉଁଠାରେ ପ୍ରକୃତ ମଣିଷମାନେ ନିଜର ଚିନ୍ତାଧାରା ବାଣ୍ଟିପାରୁଥିଲେ, ବିତର୍କ କରୁଥିଲେ ଏବଂ ଗୋଷ୍ଠୀ ବା ସମ୍ପ୍ରଦାୟ ଗଢୁଥିଲେ। କିନ୍ତୁ ଆଜିର ସାଇବର ଜଗତରେ ମାନବୀୟ ସତ୍ତା ଧୀରେ ଧୀରେ ହଜିଯାଉଛି। ଏକ ତଥ୍ୟ ଅନୁଯାୟୀ, ଇଣ୍ଟରନେଟ୍ ୨୦୧୬ ମସିହାରୁ ମୃତ ହୋଇସାରିଛି ଏବଂ ଏଠାରେ ଯାହା କିଛି ଦେଖାଯାଉଛି, ପଢ଼ାଯାଉଛି କିମ୍ବା ଚର୍ଚ୍ଚା ହେଉଛି, ତାହାର ଅଧିକାଂଶ ଭାଗ ପ୍ରକୃତ ମଣିଷ ଦ୍ୱାରା ନୁହେଁ, ବରଂ ସ୍ୱୟଂଚାଳିତ ବୋଟ୍ ଏବଂ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସୃଷ୍ଟି ହେଉଛି। ଏହି ଧାରଣାକୁ 'ମୃତ ଇଣ୍ଟରନେଟ୍ ତଥ୍ୟ' କୁହାଯାଏ ଏବଂ ଏହା ଏବେ କେବଳ ଏକ ଆଶଙ୍କା ନୁହେଁ, ବରଂ ଏକ କଠୋର ସତ୍ୟରେ ପରିଣତ ହେବାରେ ଲାଗିଛି। ୨୦୨୧ ମସିହାରେ ଜଣେ ଅଜ୍ଞାତ ବ୍ୟକ୍ତି ଏହି ତଥ୍ୟ ପ୍ରଥମେ ଉପସ୍ଥାପନ କରିଥିଲେ ଯେ ଇଣ୍ଟରନେଟ୍ ୨୦୧୬ ମସିହାରେ ହିଁ ପ୍ରାଣହୀନ ହୋଇଯାଇଛି। ଏହାପରେ ଅନ୍ଲାଇନ୍ କାର୍ଯ୍ୟକଳାପ ଯଥା—ମନ୍ତବ୍ୟ, ବିତର୍କ ଏବଂ ଟ୍ରେଣ୍ଡଗୁଡ଼ିକ ଅଧିକାଂଶ କ୍ଷେତ୍ରରେ ମାନବ ଦ୍ୱାରା ନୁହେଁ, ବରଂ ଯନ୍ତ୍ର ଦ୍ୱାରା ନିୟନ୍ତ୍ରିତ ହେଉଛି। ପ୍ରଥମେ ଏହାକୁ ଏକ ମନଗଢ଼ା କାହାଣୀ ବୋଲି ଖାରଜ କରାଯାଇଥିଲା, କିନ୍ତୁ ୨୦୨୪ ମସିହା ସୁଦ୍ଧା ବିଭିନ୍ନ ରିପୋର୍ଟରୁ ଜଣାପଡ଼ିଲା ଯେ ସମଗ୍ର ୱେବ୍ ଟ୍ରାଫିକ୍ର ଅଧାରୁ ଅଧିକ ଅଂଶ ସ୍ୱୟଂଚାଳିତ ବ୍ୟବସ୍ଥା ଦ୍ୱାରା ପରିଚାଳିତ। ୨୦୨୬ ମସିହା ସୁଦ୍ଧା ଏହି ପରିସ୍ଥିତି ଆହୁରି ଜଟିଳ ହୋଇଛି ଏବଂ କୃତ୍ରିମ ବୁଦ୍ଧିମତ୍ତା ଏଜେଣ୍ଟଗୁଡ଼ିକ ମଣିଷର ସହାୟତା ବିନା ନିଜର ସମ୍ପ୍ରଦାୟ ଗଢ଼ି ପରସ୍ପର ସହ ବିତର୍କ କରୁଛନ୍ତି। ବର୍ତ୍ତମାନ ବିଶ୍ୱର ଅଧିକାଂଶ ୱେବ୍ ଟ୍ରାଫିକ୍ ଯନ୍ତ୍ର ଦ୍ୱାରା ନିୟନ୍ତ୍ରିତ ହେଉଛି ଏବଂ ଏହାର ପ୍ରଭାବ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଇଣ୍ଟରନେଟର ଆରମ୍ଭ କାଳରେ ଏହା ଏକ ଆଦର୍ଶ ସ୍ଥାନ ଥିଲା, ଯେଉଁଠାରେ ମଣିଷ ଫୋରମ୍, ବ୍ଲଗ୍ ଏବଂ ପ୍ରାରମ୍ଭିକ ସୋସିଆଲ୍ ମିଡିଆ ମାଧ୍ୟମରେ ପ୍ରକୃତ ସମ୍ପର୍କ ଗଢୁଥିଲେ। ସେତେବେଳେ ଥିବା ସ୍ୱୟଂଚାଳିତ ପ୍ରୋଗ୍ରାମଗୁଡ଼ିକ କେବଳ ତଥ୍ୟ ସୂଚୀଭୁକ୍ତ କରୁଥିଲେ ଏବଂ ମାନବଙ୍କୁ ସହାୟତା ପ୍ରଦାନ କରୁଥିଲେ। କିନ୍ତୁ ଧୀରେ ଧୀରେ ଅର୍ଥନୈତିକ ଲାଭର ଲୋଭ ଏହାର ପ୍ରକୃତି ବଦଳାଇ ଦେଲା। ଲାଇକ୍, ଫଲୋଅର୍ସ, କ୍ଲିକ୍ ଏବଂ ଏଙ୍ଗେଜମେଣ୍ଟର ପରିମାଣ ହିଁ ଟଙ୍କା ରୋଜଗାରର ମାପକ ହୋଇଗଲା। ଏହାର ଫଳସ୍ୱରୂପ ନକଲି ଆକାଉଣ୍ଟ୍ ଏବଂ ସ୍ୱୟଂଚାଳିତ ବୋଟ୍ର ବ୍ୟବହାର ବଢ଼ିଲା। ୨୦୦୦ ଦଶକରେ ସ୍ପାମ୍ ବୋଟ୍ଗୁଡ଼ିକ ଇମେଲ୍ ଏବଂ ବିଭିନ୍ନ ପ୍ଲାଟଫର୍ମରେ ଭରତି ହେଲେ ଏବଂ 'କ୍ଲିକ୍ ଫାର୍ମ୍' ଆରମ୍ଭ ହେଲା, ଯେଉଁଥିରେ ନକଲି ଲାଇକ୍ ଏବଂ କମେଣ୍ଟ୍ ବଢ଼ାଯାଉଥିଲା। ବିଜ୍ଞାପନ ପ୍ରତାରଣା ଏକ ବିରାଟ ବ୍ୟବସାୟରେ ପରିଣତ ହେଲା ଏବଂ ରାଜନୈତିକ ଉଦ୍ଦେଶ୍ୟ ରଖି ନକଲି ଆକାଉଣ୍ଟ୍ ସାହାଯ୍ୟରେ ସମାଜରେ ବିଭାଜନ ସୃଷ୍ଟି କରାଗଲା। ୨୦୨୨ ମସିହାରେ 'ଚାଟ୍ ଜିପିଟି' ର ଆଗମନ ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କଲା। ଏବେ କୃତ୍ରିମ ବୁଦ୍ଧିମତ୍ତା ସ୍କ୍ରେପର୍ ଏବଂ ଏଜେଣ୍ଟଗୁଡ଼ିକ ସମଗ୍ର ୱେବ୍ ଟ୍ରାଫିକ୍ର ଏକ ବଡ଼ ଅଂଶ ପାଳଟିଛନ୍ତି। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ବିତର୍କ ଗ୍ରୁପ୍ଗୁଡ଼ିକରେ କୃତ୍ରିମ ଯନ୍ତ୍ରଗୁଡ଼ିକ ମଣିଷଙ୍କ ସହ ଯୁକ୍ତିତର୍କ କରି ଅଧିକ ପ୍ରଭାବଶାଳୀ ଭାବେ ସେମାନଙ୍କ ମତ ପରିବର୍ତ୍ତନ କରୁଛନ୍ତି ଏବଂ ପୁରସ୍କାର ମଧ୍ୟ ଜିତୁଛନ୍ତି। ସେହି ଯନ୍ତ୍ରଗୁଡ଼ିକ ନିଜକୁ ଆଘାତପ୍ରାପ୍ତ ବ୍ୟକ୍ତି କିମ୍ବା ପରାମର୍ଶଦାତା ଭାବେ ପରିଚୟ ଦେଇ ଗଭୀର ଭାବପ୍ରବଣ ବାର୍ତ୍ତାଳାପ କରୁଛନ୍ତି ଏବଂ ମଣିଷଙ୍କ ଠାରୁ ଅଧିକ ପ୍ରଭାବଶାଳୀ ସାବ୍ୟସ୍ତ ହେଉଛନ୍ତି। ବିଭିନ୍ନ ପ୍ଲାଟଫର୍ମ କୋଟି କୋଟି ନକଲି ଆକାଉଣ୍ଟ୍ ହଟାଇଲେ ମଧ୍ୟ ଏହି ସମସ୍ୟା ଜାରି ରହିଛି। ଏହି ସମଗ୍ର ପରିବର୍ତ୍ତନର ମୂଳ କାରଣ ହେଉଛି ଆର୍ଥିକ ଲାଭ ଏବଂ କ୍ଷମତାର ଲୋଭ। କୃତ୍ରିମ ଏଙ୍ଗେଜମେଣ୍ଟ୍ ବିଜ୍ଞାପନରୁ ମିଳୁଥିବା ରାଜସ୍ୱ ବୃଦ୍ଧି କରେ ଏବଂ ଏହି ପ୍ରତାରଣା ଏବେ ଏକ ବିରାଟ ବ୍ୟବସାୟରେ ପରିଣତ ହୋଇଛି। ପ୍ଲାଟଫର୍ମଗୁଡ଼ିକର ଏହାକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ବିଶେଷ ଆଗ୍ରହ ନଥାଏ, କାରଣ ସେମାନେ ମଧ୍ୟ ଏହି କାର୍ଯ୍ୟକଳାପରୁ ଲାଭବାନ ହୁଅନ୍ତି। କିନ୍ତୁ ଏହାର ସବୁଠାରୁ ବଡ଼ ବିପଦ କେବଳ ମିଥ୍ୟା ସୂଚନା ନୁହେଁ, ବରଂ ବିଶ୍ୱାସର ହ୍ରାସ। ଯେତେବେଳେ ସବୁକିଛି କୃତ୍ରିମ ହୋଇଯାଏ, ସେତେବେଳେ ପ୍ରକୃତ ବିଷୟବସ୍ତୁ ମଧ୍ୟ ସନ୍ଦେହର ଘେରରେ ପଡ଼ିଯାଏ। ଏହାକୁ 'ମିଥ୍ୟାବାଦୀର ଲାଭ' (Liars' Dividend) କୁହାଯାଏ, ଯେଉଁଥିରେ ପ୍ରକୃତ ପ୍ରମାଣକୁ ମଧ୍ୟ ନକଲି କହି ଖାରଜ କରାଯାଇପାରେ ଏବଂ ସତ୍ୟ ନିର୍ଣ୍ଣୟ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ। ଏହି ପରିସ୍ଥିତି ସୋସିଆଲ୍ ମିଡିଆର ବିତର୍କକୁ ଅର୍ଥହୀନ କରିଦେଉଛି ଏବଂ ମାନବୀୟ ସମ୍ପର୍କର ନିବିଡ଼ତାକୁ ନଷ୍ଟ କରୁଛି। ମାନବୀୟ ସତ୍ତା ହଜିଯିବା ଫଳରେ ଡିଜିଟାଲ୍ ଦୁନିଆ ଏକ ଆଭାସୀ ତଥା ନିରର୍ଥକ ସ୍ଥାନରେ ପରିଣତ ହେଉଛି। ଇଣ୍ଟରନେଟ୍ ସମ୍ପୂର୍ଣ୍ଣ ରୂପେ ମୃତ ହୋଇନାହିଁ ସତ, ଏଠାରେ ଏବେ ମଧ୍ୟ ପ୍ରକୃତ ମଣିଷମାନେ ବିଷୟବସ୍ତୁ ସୃଷ୍ଟି କରୁଛନ୍ତି ଏବଂ ସମ୍ପର୍କ ଗଢୁଛନ୍ତି।







# ସହରୀ ସମବାୟ ବ୍ୟାଙ୍କଗୁଡ଼ିକୁ ମଜବୁତ କରିବା ପାଇଁ ଆର୍‌ବିଆଇ ଆରମ୍ଭ କଲା 'ମିଶନ ସକ୍ଷମ'

ନୂଆଦିଲ୍ଲୀ: ସହରୀ ସମବାୟ ବ୍ୟାଙ୍କିଙ୍ଗ୍ (**UCB**) କ୍ଷେତ୍ରକୁ ଆହୁରି ମଜବୁତ ଓ ସଶକ୍ତ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (**RBI**) ଏକ ଜାତୀୟ ସ୍ତରର କ୍ଷମତା ବିକାଶ କାର୍ଯ୍ୟକ୍ରମ 'ମିଶନ ସକ୍ଷମ' ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ସମବାୟ ବ୍ୟାଙ୍କଗୁଡ଼ିକୁ ଅଧିକ ସକ୍ଷମ, ସ୍ଥିର ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଙ୍କ ଦ୍ୱାରା ଏହି ମିଶନର ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୧.୪ ଲକ୍ଷ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୋର୍ଡ ସଦସ୍ୟ, ଉଚ୍ଚ ପରିଚାଳନା ଏବଂ ବିପଦ ପରିଚାଳନା, ଅନୁପାଳନ, ଅଡିଟ୍ ଓ ଆଇଟି କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀଙ୍କୁ ଲକ୍ଷ୍ୟ କରିଛି। ଏହି ସବୁ କ୍ଷେତ୍ର ସମବାୟ ବ୍ୟାଙ୍କଗୁଡ଼ିକର ସ୍ଥିରତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

'ମିଶନ ସକ୍ଷମ' ଅଧୀନରେ ଆର୍‌ବିଆଇ ବ୍ୟକ୍ତିଗତ ପ୍ରଶିକ୍ଷଣ ସହ ଇ-ଲର୍ନିଙ୍ଗ୍ ମଡ୍ୟୁଲ୍‌କୁ ମିଶାଇ ଏକ ମିଶ୍ରିତ ପ୍ରଶିକ୍ଷଣ ବ୍ୟବସ୍ଥା ଚଳାଇବ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଭାଷାଗୁଡ଼ିକୁ ବ୍ୟବହାର କରି ଅଧିକରୁ ଅଧିକ ସହଜ ପ୍ରବେଶଯୋଗ୍ୟତା ପ୍ରଦାନ କରାଯିବ। ସମବାୟ ଫେଡେରେସନ୍ ଏବଂ କ୍ଷେତ୍ରର **umbrella** ସଂଗଠନଗୁଡ଼ିକ ସହ ମିଳିତ ଭାବେ ଏହି ପ୍ରୋଗ୍ରାମ୍ ପ୍ରସ୍ତୁତ କରାଯାଇଛି, ଯାହା ବାସ୍ତବ କ୍ଷେତ୍ରର ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ସହାୟକ ହେବ।

ମିଶନ ସକ୍ଷମର ମୂଳ ଲକ୍ଷ୍ୟ ହେଉଛି ପରିଚାଳନା ଦକ୍ଷତା ବୃଦ୍ଧି କରିବା, ଅନୁପାଳନ ମାନକକୁ ଉନ୍ନତ କରିବା ଏବଂ ସହରୀ ସମବାୟ ବ୍ୟାଙ୍କଗୁଡ଼ିକରେ ପ୍ରତିଷ୍ଠାନିକ ସ୍ଥିରତା ଗଢ଼ିତୋଳିବା। ସର୍ବୋପରି, ଏହା ଏକ ନିରନ୍ତର ଶିକ୍ଷଣ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି, ଯାହା ସମବାୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଦୀର୍ଘକାଳୀନ ସ୍ଥିରତା ଏବଂ ସମର୍ଥନଯୋଗ୍ୟ ବିକାଶର ଭିତ୍ତି ସ୍ଥାପନ କରିବ। ଏହି ପଦକ୍ଷେପ ମାଧ୍ୟମରେ ଆର୍‌ବିଆଇ ସ୍ପଷ୍ଟ ସଙ୍କେତ ଦେଇଛି — ଅଧିକ ଶକ୍ତିଶାଳୀ ମାନବସମ୍ପଦ, ଅଧିକ ଶକ୍ତିଶାଳୀ ବ୍ୟବସ୍ଥା, ଅଧିକ ଶକ୍ତିଶାଳୀ ସମବାୟ ବ୍ୟାଙ୍କ।

## 'ବଲାଙ୍ଗୀରରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ସୂତା ଉତ୍ପାଦନ ୟୁନିଟ୍'

ଭୁବନେଶ୍ୱର: ପଶ୍ଚିମ ଓଡ଼ିଶାର ଶିଳ୍ପ ପରିବେଶକୁ ସୁଦୃଢ଼ କରିବା ପାଇଁ ବୁଧବାର ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ଶ୍ରୀଅମ୍ବିକା କଟ୍‌ସ୍ପିନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବଲାଙ୍ଗୀର ଜିଲାରେ ଏକ ଅତ୍ୟାଧୁନିକ ସୂତା ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରକଳ୍ପ କେବିକେ ଅଞ୍ଚଳ ଏବଂ ଆକାଂକ୍ଷୀ ଜିଲାଗୁଡ଼ିକରେ ଉଚ୍ଚମୂଲ୍ୟର ଶିଳ୍ପ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବ।

ମୁଖ୍ୟ ସଚିବ କହିଛନ୍ତି, ଓଡ଼ିଶାରେ କପାଚାଷରେ ନିରନ୍ତର ବୃଦ୍ଧି ଘଟିଛି, ତଥାପି ରାଜ୍ୟରେ ଐତିହାସିକ ଭାବରେ ଡାଉନ୍‌ଷ୍ଟ୍ରିମ୍ ପ୍ରକ୍ରିୟାକରଣ ଏବଂ ମୂଲ୍ୟ ବୃଦ୍ଧି ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଛି। ଶ୍ରୀଅମ୍ବିକା କଟ୍‌ସ୍ପିନ୍ ୨୭ ବର୍ଷରୁ ଅଧିକ ଶିଳ୍ପ ଅଭିଜ୍ଞତା ସହିତ ଏକ ଓଡ଼ିଶାଭିତ୍ତିକ କମ୍ପାନୀ ଦ୍ୱାରା ନୂତନ ୟୁନିଟ୍ ଆଗକୁ ଏହି ବ୍ୟବଧାନକୁ ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଛି। ମୌଳିକ କପା ଜିନିଂରୁ ଉନ୍ନତ ସୂତା ଉତ୍ପାଦନକୁ ପରିବର୍ତ୍ତନ କରି ଏହି ପ୍ରକଳ୍ପ ନିଶ୍ଚିତ କରିବ ଯେ, ସ୍ଥାନୀୟ କପାରୁ ଉତ୍ପାଦିତ ମୂଲ୍ୟ ରାଜ୍ୟ ମଧ୍ୟରେ ରହିବ, ଯାହା ସାମଗ୍ରିକ ବୟନ ଏବଂ ପୋଷାକ ଇକୋସିଷ୍ଟମକୁ ସୁଦୃଢ଼ କରିବ। ଏହି ପ୍ରକଳ୍ପରେ ମୋଟ ୧,୧୨୪ କୋଟି ଟଙ୍କା ନିବେଶ ହେବ। ଏହା ବଲାଙ୍ଗୀର ଏବଂ ସମଗ୍ର କେବିକେ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିର ଏକ ମୂଳଦୁଆ ହେବାକୁ ପ୍ରସ୍ତୁତ। ପୁଞ୍ଜି ଯୋଗାଣ ବ୍ୟତୀତ ଏହି ୟୁନିଟ୍ ୩୦୦ ଜଣଙ୍କ ପାଇଁ ସିଧାସଳଖ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ଯାହା ପାରମ୍ପରିକ ଭାବରେ ଏକ ଦୃଢ଼ ଶିଳ୍ପ ଭିତ୍ତିଭୂମିର ଅଭାବ ଥିବା ଅଞ୍ଚଳରେ ସ୍ଥାୟୀ ଜୀବିକା ପ୍ରଦାନ କରିବ। ସେହିପରି ସୂତା ଏବଂ ବୟନ ପାଇଁ ଆବଶ୍ୟକ ଇକୋସିଷ୍ଟମ ନିର୍ମାଣ କରି ଏହି ପ୍ରକଳ୍ପ ଅଞ୍ଚଳର ବୟନ ଶିଳ୍ପକ୍ଷେତ୍ରରେ ମୂଲ୍ୟ-ପ୍ରତିବଦ୍ଧତାର ପାରମ୍ପରିକ ଅଭାବକୁ ଦୂର କରିବାରେ ସାହାଯ୍ୟ କରିବ। ବଲାଙ୍ଗୀରରେ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଉତ୍ପାଦନକୁ ସହଜ କରି ରାଜ୍ୟ ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ରୂପରେଖକୁ ପରିବର୍ତ୍ତନ କରିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିବ, ଯାହା ପ୍ରଯୁକ୍ତିବିଦ୍ୟାର ବୃଦ୍ଧି ଓ ବସ୍ତ୍ର ଉତ୍ପାଦନର ଏକ କେନ୍ଦ୍ରରେ ପରିଣତ ହେବ ବୋଲି ମୁଖ୍ୟ ସଚିବ କହିଛନ୍ତି।

## ମେ' ୧୧ରୁ ରବିଧାନ ସଂଗ୍ରହ

ବରଗଡ଼: ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମେ' ୧୧ତାରିଖରୁ ଜିଲାରେ ରବିଧାନ କିଣାବିକା ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଜନପ୍ରତିନିଧି, ମିଲର୍ସ, ଚାଷୀ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ବୈଠକ ପୂର୍ବରୁ ସକାଳୁ ପୋଲିସ କେତେକ ଚାଷୀନେତାଙ୍କୁ ଉଠାଇ ନେଇ ବିଭିନ୍ନ ଥାନାରେ ଅଟକ ରଖିବା ଚର୍ଚ୍ଚାର ବିଷୟ ହୋଇଛି। ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଚାଷୀନେତା ଈଶାନ୍ତ ଭୋଇ, ଉତ୍ପନ୍ନ କୁମାର ଭୋଇ, ସୁଦାମ ପାତ୍ର ପ୍ରମୁଖଙ୍କୁ ଏଭଳି ପୋଲିସ ଅଟକ ରଖିଛି।

## ସମବାୟ ବ୍ୟାଙ୍କରେ ଋଣ ଜାଲିଆତି

### ୩ ବ୍ୟାଙ୍କ କର୍ମଚାରୀଙ୍କ ସହ ଋଣଗ୍ରହିତାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ







ମୟୂରଭଞ୍ଜ: ଜାଲ ନଥିପତ୍ରରେ ଲକ୍ଷାଧିକ ଟଙ୍କାର ଋଣ ପ୍ରଦାନ କରିଥିଲେ। ଏହି ମାମଲାରେ ଋଣ ଗ୍ରହିତାଙ୍କ ସହ ବାରିପଦା ସହରାଞ୍ଚଳ ସମବାୟ ବ୍ୟାଙ୍କର ତତ୍କାଳୀନ ଶାଖା ପରିଚାଳକ ସମେତ ୩ଜଣ ବ୍ୟଶଙ୍କ କର୍ମଚାରୀଙ୍କୁ ଆଜି ଦଣ୍ଡବିଧାନ କରାଯାଇଛି। ସୂଚନାନୁସାରେ, ରାଇରଙ୍ଗପୁରର ସଲୀଳ ଅଗ୍ରୱାଲ୍ ନାମକ ଜଣେ ବ୍ୟକ୍ତି ବାରିପଦା ସହରାଞ୍ଚଳ ସମବାୟ ବ୍ୟାଙ୍କୁ ଋଣ ଆବେଦନ କରିଥିଲେ। ଏଥିପାଇଁ ସେ ନକଲି ଦସ୍ତାବିଜ ଦାଖଲ କରିଥିଲେ ଓ ପର୍ଯ୍ୟାପ୍ତ ସେକ୍ୟୁରିଟି ଦେଇନଥିଲେ। ବ୍ୟାଙ୍କର ତତ୍କାଳୀନ ରାଇରଙ୍ଗପୁର ଶାଖା ପରିଚାଳକ ଆଶୁତୋଷ ମହାନ୍ତି (ବର୍ତ୍ତମାନ ବରଖାସ୍ତ), ବାରିପଦା ସହରାଞ୍ଚଳ ସମବାୟ ବ୍ୟାଙ୍କ୍ ଶାଖାର ପୂର୍ବତନ ମୁଖ୍ୟନିର୍ବାହୀ (ବର୍ତ୍ତମାନ ଅବସରପ୍ରାପ୍ତ) କାନ୍ତିଲାଲ ମୁଗ୍ରୀ, ବାରିପଦା ସହରାଞ୍ଚଳର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି କୃପାସିନ୍ଧୁ ମହାନ୍ତ ନକଲି ଦସ୍ତାବିଜ ଦାଖଲ ହୋଇଥିବା ଜାଣି ମଧ୍ୟ ସଲୀଲଙ୍କୁ ଲକ୍ଷାଧିକ ଟଙ୍କାର ଋଣ ପ୍ରଦାନ କରିଥିଲେ। ଅଭିଯୋଗ ପରେ ଏହି ଘଟଣାରେ ଦୁର୍ନୀତି ନିବାରଣ ବିଭାଗ ଦୁର୍ନୀତି ନିବାରଣ ଆଇନ (ପିସି ଆକ୍ଟ ୧୯୮୮)ର ଧାରା ୧୩(୨), ୧୩(୧)(ଗ), ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ଧାରା ୪୧୮, ୪୨୦ ଓ ୧୨୦-ଖରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରେ ଉକ୍ତ ବ୍ୟଙ୍କ୍ କର୍ମଚାରୀଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ମିଳିଥିଲା। ବ୍ୟାଙ୍କର ନିୟମ ଖିଲାପ କରି ୧୫.୫୮ ଲକ୍ଷ ଟଙ୍କା ଜାଲିଆତି କରିଥିବା ଧରାପଡ଼ିଥିଲା।

## ଫେଲ୍ ମାରିଛି ବସୁଧା ଯୋଜନା, ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ଲୋକେ

ଆର ଉଦୟଗିରି: ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଆସୁଛନ୍ତି । ସେଥି ମଧ୍ୟରୁ ବସୁଧ । ଯୋଜନା ଅନ୍ୟତମ । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅଦାସୀନତା ହେଉ କିମ୍ବା ଇଛା ଶକ୍ତିର ଅଭାବ ଯୋଗୁଁ ଏହି ଯୋଜନାରୁ ଗ୍ରାମବାସୀ ସଠିକ ଭାବେ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ରା -ଉଦୟଗିରି ବ୍ଲକ ମହେନ୍ଦ୍ରଗଡ ପଞ୍ଚାୟତ ଅନ୍ତର୍ଗତ କୁଶପଲ୍ଲୀ ଗାଁରେ ।

ଏହି ଗାଁରେ ମୋଟ ୧୪୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ଲୋକେ ବସବାସ କରିଆସୁଛନ୍ତି । ପାନୀୟ ଜଳ ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ ପରେ ଆର୍ଥିକ ବର୍ଷ ୨୦୨୧-୨୨ ରେ ରାଜ୍ୟ ସରକାରଙ୍କ ପକ୍ଷରୁ ୩୩ଲକ୍ଷ ୮୦ ହଜାର ଟଙ୍କା ବ୍ୟୟରେ ୩୦,୦୦୦ ଲିଟର ବିଶିଷ୍ଟ ବସୁଧା ଯୋଜନାରେ ଗୋଟେ ପାଣି ଟାଙ୍କି ନିର୍ମାଣ କରିଥିଲେ । ସେଠାରେ କେବଳ ଗୋଟିଏ ମାତ୍ର ବୋରିଂ ଥିବାରୁ ଯାହା ପାଣି ବାହାରୁଛି ସେଥିରେ ଟ୍ୟାଙ୍କ ଭର୍ତି ନହୋଇ ବୋରିଂର ପାଣି ଶୁଖିଯାଉଥିଲା । ଏନେଇ ଗ୍ରାମବାସୀ ଗ୍ରାମପଂଚାୟତରେ ଅଭିଯୋଗ କରିବା ପରେ ୨୦୨୪- ୨୫ ଆର୍ଥିକ ବର୍ଷ ରା -ଉଦୟଗିରି ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ପ୍ରକଳ୍ପର ନିକଟରେ ଆଉ ଗୋଟିଏ ବୋରିଂ ଖୋଳାଯାଇଥିଲା । କିନ୍ତୁ ବୋରିଂ ଖୋଳିବାର ଦୀର୍ଘ ଦେଢ଼ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେହି ବୋରିଂରେ ପାଇପ ଓ ମଟର ସଂଯୋଗ କରାଯାଇନାହିଁ ।

ଯାହା ଫଳରେ ଗୋଟିଏ ବୋରିଂରୁ ଯାହା ପାଣି ଟାଙ୍କିକୁ ଯାଉଛି ସେଥିରେ ପିଇବା ପାଇଁ ପାଣି ଗାଁକୁ ନିଅଣ୍ଟ ପଡୁଛି । ଫଳରେ ଗ୍ରାମବାସୀ ଗାଁରେ ଥିବା କିଛି ନଳକୂପର କଳଙ୍କି ମିଶ୍ରିତ ପାଣି ପିଇ ଅନେକ ରୋଗର ସମ୍ମୁଖୀନ ହେଉଛନ୍ତି । ଏନେଇ ଗ୍ରାମବାସୀ ବାରମ୍ବାର ଗ୍ରାମପଂଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଅବଗତ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏହି ବିଷୟରେ ଆମେ ମହେନ୍ଦ୍ରଗଡ ଗ୍ରାମପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ମଣ୍ଡଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ତାହା ଗ୍ରାମ୍ୟ ପାନୀୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ତିଆରି ହୋଇଛି, ମୁ ଏନେଇ ବାରମ୍ବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଲେ ବି ମୋ କଥା ଶୁଣୁନଥିବା କହିଛନ୍ତି । ପରେ ଆମେ ଆର-ଉଦୟଗିରି ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ କଲ୍ୟାଣୀ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଏହି ବୋରିଂଟି ପୂର୍ବରୁ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସମୟରେ ହୋଇଛି । ତାଙ୍କ ସହ ଯୋଗାଯୋଗ କରିବା ସହ କାମର ତଦନ୍ତ କରି ଯଥାଶୀଘ୍ର ପାଇପ ଓ ମଟର ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତେବେ କେତେଶୀଘ୍ର ଏହା କାର୍ଯ୍ୟକ୍ଷମ ହୋଇପାରିବ ତାକୁ ହିଁ ସମସ୍ତଙ୍କ ଅପେକ୍ଷା ।

## ଶିଳ୍ପୀ ଓ ବୁଣାକାରମାନେ ସମୃଦ୍ଧ ଭାରତୀୟ ସଂସ୍କୃତିର ପ୍ରତୀକ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ: ଭାରତର ପ୍ରତିଟି ସୂତା ଏବଂ ରଙ୍ଗ ମଧ୍ୟରେ ଆମ ଶିଳ୍ପୀମାନଙ୍କର ଅକ୍ଳାନ୍ତ ପରିଶ୍ରମ ଓ ବହୁ ପୁରାତନ ପରମ୍ପରା ଲୁଚି ରହିଛି । ସେମାନେ କେବଳ କାରିଗର ନୁହନ୍ତି, ବରଂ ଭାରତର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟର ପ୍ରକୃତ ବାହକ । ନୂଆଦିଲ୍ଲୀ ସ୍ଥିତ ନ୍ୟାସନାଲ କ୍ରାଫ୍ଟସ ମ୍ୟୁଜିୟମ ଠାରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆସାମର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ ଆୟୋଜିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଆରଏସବି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀର ମୁଖ୍ୟ ବିଷୟବସ୍ତୁ ଥିଲା 'କୃଷ୍ଟ' । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଭାରତର 'ବିଭିନ୍ନତା ମଧ୍ୟରେ ଏକତା'ର ପ୍ରତିଫଳନ । ନ୍ୟାସନାଲ କ୍ରାଫ୍ଟସ ମ୍ୟୁଜିୟମରେ ଆୟୋଜିତ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ଆମ ବୁଣାକାର ଓ ଶିଳ୍ପୀମାନଙ୍କର ସେହି ଅସାଧାରଣ କଳାକୃତିକୁ ସମ୍ମାନ ଜଣାଇବା ସହ ସେମାନଙ୍କୁ ବିଶ୍ୱ ବଜାରରେ ଏକ ନୂତନ ପରିଚୟ ଦେବାର ଏକ ସଶକ୍ତ ମାଧ୍ୟମ । ଏହି ଅବସରରେ ଓଡ଼ିଶାର ସମ୍ବଲପୁରୀ ଓ ଇକତ ବୁଣାକାରଙ୍କ ଧୈର୍ଯ୍ୟ ଓ କଳାକୁ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟ ମିଶନର କଳ୍ପନା କରିଛନ୍ତି, ଯାହା ଏକ ଯୁଗାନ୍ତକାରୀ ପଦକ୍ଷେପ । ପୂର୍ବ ଭାରତର ବିକାଶ ହେଲେ ହିଁ ସମଗ୍ର ଭାରତର ବିକଶ ହେବ । ସେହିପରି ବର୍ତ୍ତମାନ ସମୟରେ ଏହି କାରିଗରୀକୁ ଇ-କମର୍ସ ପ୍ଲାଟଫର୍ମରେ ଅଧିକ ଯୋଡିବା ଦିଗରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ହେବ ଯେଉଁଠାରେ ଆମର ବୁଣାକାରମାନେ ଇ-କମର୍ସ ଏବଂ ଓଏନଡିସି ପ୍ଲାଟଫର୍ମ ମାଧ୍ୟମରେ ବିଶ୍ୱ ବଜାର ସହ ସିଧାସଳଖ ଯୋଡ଼ି ହୋଇପାରିବେ । ସେ ଜନସାଧାରଣଙ୍କୁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବାକୁ ଅପିଲ କରିଥିଲେ ।



## ପାନ ଚାଷୀଙ୍କୁ ମିଳୁଛି ସଠିକ୍ ପ୍ରାପ୍ୟ ସହ ଲାଭଜନକ ମୂଲ୍ୟ

ନିମାପଡା:ସମବାୟ ବିଭାଗ ଏବଂ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ (**OSAM Board**)ଙ୍କ ମାର୍ଗଦର୍ଶନରେ, ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି (**RMC**) ଅନ୍ତର୍ଗତ ନୂଆହାଟ ମାର୍କେଟରେ ପାନର ଖୋଲା ନିଲାମ ସଫଳତାର ସହ ଅନୁଷ୍ଠିତ ହୋଇଛି। ଏହି ସ୍ୱଚ୍ଛ ଓ ପ୍ରତିଯୋଗୀତା ମୂଳକ ନିଲାମ ପ୍ରକ୍ରିୟା ମାଧ୍ୟମରେ ପାନ ଚାଷୀମାନେ ସେମାନଙ୍କ ଉତ୍ପାଦ ପାଇଁ ଉଚିତ୍ ଓ ଲାଭଜନକ ମୂଲ୍ୟ ପାଇପାରୁଛନ୍ତି। ସେହିପରି, ନିଲାମ ପରେ ତୁରନ୍ତ ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା କରାଯାଇଥିବାରୁ ଚାଷୀମାନଙ୍କର ଆର୍ଥିକ ସୁରକ୍ଷା ଓ ବିଶ୍ୱାସ ବଢ଼ିଛି।ଏହି ପଦକ୍ଷେପ ଦ୍ୱାରା ମଧ୍ୟସ୍ଥ ମାନଙ୍କ ଭୂମିକା କମିଥିବା ସହିତ ବଜାର ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇଛି। ଏହା ପାନ ଚାଷୀମାନଙ୍କ ପାଇଁ ଏକ ନୂତନ ଆଶାର ସୃଷ୍ଟି କରିଥିବା ସହିତ ତାଙ୍କର ଆୟ ବୃଦ୍ଧିରେ ମୂଲ୍ୟବାନ ଭୂମିକା ନେଉଛି।ସମବାୟ ବିଭାଗ ଏବଂ **OSAM Board** ଦ୍ୱାରା ଏପରି କୃଷକଙ୍କ-ହିତ ପାଇଁ ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆଶା କରାଯାଉଛି।





# ଆଧୁନିକ ସୌନ୍ଦର୍ଯ୍ୟର ନୂତନ ଦିଗ

ଆଧୁନିକ ଜୀବନଶୈଳୀରେ ସୁନ୍ଦର ଓ ଯୁବ ଚର୍ମ ପାଇଁ ଲୋକମାନେ ବିଭିନ୍ନ ବ୍ୟୁଟି ଟ୍ରିଟମେଣ୍ଟ ଦିଗରେ ଆକୃଷ୍ଟ ହେଉଛନ୍ତି। ସେଥିରେ ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ଏକ ନୂତନ ଓ ପ୍ରଭାବଶାଳୀ ପଦ୍ଧତି ଭାବେ ପରିଚିତ ହୋଇଛି। ସର୍ଜରି ବିନା ଚର୍ମକୁ ଟାଇଟ୍ କରିବା, ଚର୍ବି କମାଇବା ଓ ପ୍ରାକୃତିକ ଉଜ୍ଜ୍ୱଳ ଫେରାଇବାରେ ଏହା ବିଶେଷ ଭୂମିକା ଗ୍ରହଣ କରିଛି । ତେଣୁ ଆଜିର ଯୁଗରେ ଏହି ଚିକିତ୍ସା ମଧ୍ୟ ବହୁତ ଲୋକପ୍ରିୟ






ହୋଇପାରିଛି। ଏହି ଫେସିଆଲ ସମ୍ପର୍କରେ ସୌନ୍ଦର୍ଯ୍ୟ ବିଶାରଦ ଡା. ଦେବୀ ପୁଷ୍ପା ମହାନ୍ତି କହନ୍ତି, ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ହେଉଛି ଏକ ନନ୍-ସର୍ଜିକାଲ ପ୍ରକ୍ରିୟା, ଯାହାର ଉଚ୍ଚ ତରଙ୍ଗ ଶକ୍ତି ଦ୍ୱାରା ଚର୍ମର ଗଭୀର ସ୍ତରକୁ ଉତ୍ତାପ ପହଞ୍ଚାଏ। ଏହି ଉତ୍ତାପ କୋଲାଜେନ୍ ଉତ୍ପାଦନକୁ ବଢ଼ାଇ ଚର୍ମକୁ ଟାଇଟ୍ ଓ ନରମ କରିଥାଏ। ଫଳସ୍ୱରୂପ ଚର୍ମ ଅଧିକ ଯୁବ, ଆକର୍ଷଣୀୟ ଓ ପତଳା ଦେଖାଯାଏ। ଏହି ଟ୍ରିଟମେଣ୍ଟର ପ୍ରମୁଖ ଲାଭ ହେଉଛି ମୁଖର ଚର୍ବି କମେଇବା ସହ ମୁହଁରେ ନୂତନ ଉଜ୍ଜ୍ୱଳତା ଆଣିଥାଏ। ଏହା ସହିତ ପୋର୍ସ ହ୍ରାସ କରେ ଓ ଫେସ୍‌ରେ ଲିଫ୍ଟିଂ ଏଫେକ୍ଟ ମିଳେ। ବିଶେଷକରି ୨୦ ବର୍ଷ ବୟସ ପରେ ଏହି ଚିକିତ୍ସା କରିବା ଚର୍ମ ଯତ୍ନ ପାଇଁ ଅଧିକ ଉପଯୋଗୀ ହୋଇଥାଏ। ପ୍ରକ୍ରିୟା ଦୃଷ୍ଟିରୁ ଦେଖିଲେ, ପ୍ରଥମେ ଚର୍ମକୁ ସଫା କରାଯାଏ, ପରେ ଏକ ବିଶେଷ ଜେଲ୍ ଲଗାଯାଇ ଆରଏଫ୍ ଡିଭାଇସ୍ ଦ୍ୱାରା ହଲୁକ ମାସାଜ୍ କରାଯାଏ। ପୂରା ପ୍ରକ୍ରିୟା ପ୍ରାୟ ୩୦ ରୁ ୪୫ ମିନିଟ୍ ମଧ୍ୟରେ ସମାପ୍ତ ହୁଏ ଓ ଏହା ବେଶୀ କଷ୍ଟ ଅନୁଭବ ହୁଏନାହିଁ। ଯଦିଓ ଏହା ସୁରକ୍ଷିତ ଚିକିତ୍ସା, ମାତ୍ର କେତେକ ମାମଲାରେ ମୁଖ ହାଲୁକା ଲାଲ ହେବା ବା ତାପ ଅନୁଭବ ହୋଇପାରେ। ଯାହା କିଛି ସମୟରେ ଠିକ୍ ହୋଇଯାଏ। ଏହି ଚିକିତ୍ସାରେ କେତୋଟି ପର୍ଯ୍ୟାୟ ପରେ ତ୍ୱଚାରେ ପରିବର୍ତ୍ତନ ଦେଖାଯାଏ। ଏହି ଫେସିଆଲ ପରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଖରାକୁ ଯିବେ ନାହିଁ। ଏହାସହ ସର୍ବଦା ମୁହଁରେ ସନ୍‌ସ୍କ୍ରିନ୍ ଓ ମଇଶ୍ଚରାଇଜର ଲଗାନ୍ତୁ। ଆରଏଫ୍ ଚିକିତ୍ସାର ଭଲ ଫଳାଫଳ ପାଇଁ ପୁଷ୍ଟିକର ଖାଦ୍ୟପେୟ, ନିୟମିତ ବ୍ୟାୟମ କରନ୍ତୁ। ଏହାସହ ଜଙ୍କ୍ ଫୁଡ୍, ମଦ୍ୟପାନ ଓ ଧୂମପାନ ଠାରୁ ଦୂରେଇ ରହିବା ଦରକାର। ଏହି ଟ୍ରିଟମେଣ୍ଟ କରାଇବା ପୂର୍ବରୁ ଜଣେ ପ୍ରଶିକ୍ଷିତ ବ୍ୟୁଟି ଏକ୍ସପର୍ଟ ବା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।



# କର୍କଟ ଚିକିତ୍ସାର ପାର୍ଶ୍ୱ ପ୍ରତିକ୍ରିୟା

ଜାପାନର ବୈଜ୍ଞାନିକ ଓ ଚିକିତ୍ସା ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଏକ ବୃହତ ଜନସଂଖ୍ୟା ଭିତ୍ତିକ ଅନୁସନ୍ଧାନରୁ ଏକ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଏହି ଅଧ୍ୟୟନ ଅନୁସାରେ, ପୂର୍ବରୁ କର୍କଟ ରୋଗରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପରବର୍ତ୍ତୀ ସମୟରେ ଏକ ସ୍ୱତନ୍ତ୍ର ପ୍ରକାରର ରକ୍ତ କର୍କଟ ବା 'ତୀବ୍ର ମାୟେଲଏଡ୍ ଲିଉକେମିଆ' (**Therapy-related AML**) ହେବାର ମାମଲା ପୂର୍ବ ଅପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ବିଶେଷ କରି ସ୍ତନ କର୍କଟ ପାଇଁ କଠୋର ଚିକିତ୍ସା ଗ୍ରହଣ କରିଥିବା ମହିଳାମାନଙ୍କ କ୍ଷେତ୍ରରେ ଏହି ବିପଦ ଅଧିକ ଦେଖିବାକୁ ମିଳୁଛି। ପ୍ରତିଷ୍ଠିତ ଆନ୍ତର୍ଜାତୀୟ ପତ୍ରିକା 'କ୍ୟାନ୍‌ସର'ରେ ପ୍ରକାଶିତ ଏହି ରିପୋର୍ଟ ସୂଚାଉଛି ଯେ, ରୋଗୀଙ୍କୁ ସୁସ୍ଥ କରିବା ପାଇଁ ବ୍ୟବହୃତ ହେଉଥିବା ଆଧୁନିକ ଚିକିତ୍ସା ପଦ୍ଧତିଗୁଡ଼ିକ ହିଁ ପରୋକ୍ଷରେ ଏହି ନୂତନ ଜଟିଳତା ପାଇଁ ଦାୟୀ ହୋଇପାରେ। ଏହି ଗବେଷଣାର ଗଭୀର ବିଶ୍ଳେଷଣରୁ ଜଣାପଡ଼ିଛି ଯେ, କର୍କଟ ରୋଗ ପାଇଁ ଦିଆଯାଉଥିବା କିମୋଥେରାପି କିମ୍ବା ଶକ୍ତିଶାଳୀ ବିକିରଣ ଚିକିତ୍ସା (**Radiation Therapy**) ଶରୀରର କୁପ୍ରଭାବିତ କୋଷଗୁଡ଼ିକୁ ନଷ୍ଟ କରିବା ସହିତ ଅଜାଣତରେ ରକ୍ତ ଓ ଅସ୍ଥିମଜ୍ଜାର ସୁସ୍ଥ ଜୀବକୋଷର ବଂଶଗତ ସଂରଚନା ବା ଡିଏନ୍‌ଏକୁ କ୍ଷତିଗ୍ରସ୍ତ କରିଥାଏ। ଏହି ଆକ୍ରାମକ ଚିକିତ୍ସା ପ୍ରଣାଳୀ ଯୋଗୁଁ ଜୀବକୋଷର ମୌଳିକ ଗଠନରେ ଯେଉଁ ପରିବର୍ତ୍ତନ ଆସେ, ତାହା ବହୁ ବର୍ଷ ପରେ ଏକ ନୂତନ ଏବଂ ଅଧିକ ସାଂଘାତିକ ରକ୍ତ କର୍କଟର ରୂପ ନେଇଥାଏ। ଅନୁସନ୍ଧାନକାରୀମାନେ ଓସାକା କର୍କଟ ପଞ୍ଜିକାର ପ୍ରାୟ ତିରିଶ ବର୍ଷର (୧୯୯୦ ରୁ ୨୦୨୦) ତଥ୍ୟକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ପରେ ଦେଖିଲେ ଯେ, ପ୍ରାୟ ଦଶ ହଜାର କର୍କଟ ରୋଗୀଙ୍କ ମଧ୍ୟରୁ ପ୍ରତି ଶହେ ଜଣରେ ଛଅରୁ ଅଧିକ ବ୍ୟକ୍ତି ଏହି ଦ୍ୱିତୀୟ ପର୍ଯ୍ୟାୟ ରକ୍ତ କର୍କଟର ଶିକାର ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ କିଛି ଦଶନ୍ଧି ମଧ୍ୟରେ ଏହି ରୋଗର ବ୍ୟାପ୍ତି ପ୍ରାୟ ଦୁଇଗୁଣରୁ ଅଧିକ ହୋଇଯାଇଛି। ୧୯୯୦ ମସିହାରେ ଯେଉଁଠାରେ ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ଏଭଳି ମାତ୍ର ଶୂନ ଦଶମିକ ଏକ ତିନି ପ୍ରତିଶତ ମାମଲା ଦେଖାଯାଉଥିଲା, ୨୦୨୦ ମସିହା ବେଳକୁ ତାହା ଶୂନ ଦଶମିକ ତିନି ଛଅ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ସୂଚାଉଛି ଯେ ଯଦିଓ ଆଧୁନିକ ଚିକିତ୍ସା ବିଜ୍ଞାନ ଯୋଗୁଁ କର୍କଟରୁ ବର୍ତ୍ତି ଯାଉଥିବା ଲୋକଙ୍କ ସଂଖ୍ୟା ବଢୁଛି, କିନ୍ତୁ ସେମାନଙ୍କ ଶରୀରରେ ଦୀର୍ଘକାଳୀନ ପାର୍ଶ୍ୱ ପ୍ରତିକ୍ରିୟାର ଆଶଙ୍କା ମଧ୍ୟ ସମାନ ଭାବେ ବୃଦ୍ଧି ପାଉଛି। ତେଣୁ କର୍କଟରୁ ସୁସ୍ଥ ହେବା ପରେ ମଧ୍ୟ ରୋଗୀମାନଙ୍କୁ ନିୟମିତ ବ୍ୟବଧାନରେ ରକ୍ତ ପରୀକ୍ଷା ଓ ସ୍ୱାସ୍ଥ୍ୟ ଯାଞ୍ଚ କରାଇବା ଅତ୍ୟନ୍ତ ଜରୁରୀ ବୋଲି ଏହି ଅଧ୍ୟୟନ ସତର୍କ କରାଇ ଦେଇଛି। ଏହି ଗବେଷଣା ଭବିଷ୍ୟତରେ କର୍କଟ ଚିକିତ୍ସା ପଦ୍ଧତିରେ ସଂସ୍କାର ଆଣିବା ଏବଂ କମ୍ କ୍ଷତିକାରକ ଚିକିତ୍ସା ଉଦ୍ଭାବନ କରିବ ।



# ବିବାହ ପୂର୍ବରୁ ଓଜନ କମାଇବାର ପ୍ରତିଯୋଗିତା

ଭାରତୀୟ ବିବାହରେ ସୁନ୍ଦର ଓ ଆକର୍ଷକ ଦେଖାଯିବାର ପ୍ରତିଯୋଗିତା ଏବେ ଏତେ ତୀବ୍ର ହୋଇଉଠିଛି ଯେ ଯୁବକ ଓ ଯୁବତୀମାନେ ଅଳ୍ପ ସମୟ ମଧ୍ୟରେ ଓଜନ କମାଇବା ପାଇଁ ବିଭିନ୍ନ ଶର୍ଟକଟ୍ ଉପାୟ ଆପଣାଉଛନ୍ତି। ଏହି ଧାରା ଏବେ ଚିକିତ୍ସା ବିଜ୍ଞାନ ପର୍ଯ୍ୟନ୍ତ ପହଞ୍ଚି ସାରିଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଓଜନ କମାଇବାର ଏହି ପ୍ରତିଯୋଗିତା ଯୋଗୁଁ ଯୁବପିଢ଼ି ଏବେ କେବଳ ବ୍ୟାୟାମ ଓ ଖାଦ୍ୟ ନିୟନ୍ତ୍ରଣ ଉପରେ ଭରସା କରୁନାହାନ୍ତି। ସେମାନେ ଓଜନ କମାଇବା ପାଇଁ ବ୍ୟବହୃତ ହେଉଥିବା ଇଞ୍ଜେକ୍ସନ୍ ଓ ଅନ୍ୟାନ୍ୟ ସହଜ ମାଧ୍ୟମ ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଭାରତରେ ଓଜନ ପରିଚାଳନା (**Weight Management**) ବଜାର ୨୦୨୫ ସୁଦ୍ଧା ୨.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି ଏବଂ ୨୦୩୪ ସୁଦ୍ଧା ଏହା ୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବାର ଆକଳନ କରାଯାଉଛି। ଏବେ ଯୁବତୀମାନେ କେବଳ ଓଜନ କମାଇବା ଉପରେ ନୁହେଁ, ବରଂ ଶରୀରର ନିର୍ଦ୍ଦିଷ୍ଟ ଅଂଶରୁ 'ଇଞ୍ଚ୍ ଲସ୍' (**Inch Loss**) ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିବାହ ପୂର୍ବରୁ ମାତ୍ର ତିନି ମାସ ମଧ୍ୟରେ ଅଣ୍ଟାର ଚର୍ବିକୁ ୩ରୁ ୬ ଇଞ୍ଚ୍ କମାଇବା ପାଇଁ ସେମାନେ ୧୫,୦୦୦ରୁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି। ଏହି ସବୁ ପ୍ୟାକେଜ୍ ମଧ୍ୟରେ ଓଜନ କମାଇବା ଇଞ୍ଜେକ୍ସନ୍ ସବୁଠାରୁ ଲୋକପ୍ରିୟ ହୋଇଉଠିଛି। କିନ୍ତୁ ଏହି ଶର୍ଟକଟ୍ ଉପାୟଗୁଡ଼ିକ ଶରୀର ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ଓଜନ କମାଇବା ଔଷଧ ବନ୍ଦ କରିବା ମାତ୍ରେ ଓଜନ ପୁଣି ଦ୍ରୁତ ଗତିରେ ବଢ଼ିଯାଏ। ଏହା ଦ୍ୱାରା ବାନ୍ତି, ପେଟ ଜନିତ ସମସ୍ୟା ଏବଂ ପାଚନ ତନ୍ତ୍ରର ଜଟିଳ ରୋଗ ହେବାର ଆଶଙ୍କା ଥାଏ। ଏହା ସହିତ ଶରୀରର ଚୟାପଚୟ ବା ମେଟାବୋଲିଜିମ୍ ପ୍ରକ୍ରିୟା ବିଗିଡ଼ିଯାଏ, ଯାହା ପରବର୍ତ୍ତୀ ସମୟରେ ଅବସାଦ ଓ ମାନସିକ ଚାପ ସୃଷ୍ଟି କରିଥାଏ। ଫିଟନେସ୍ ବିଶେଷଜ୍ଞଙ୍କ ମତରେ, ବିବାହର ୨-୩ ମାସ ପୂର୍ବରୁ ଅତି ଶୀଘ୍ର ଓଜନ କମାଇବାର ଜିଦ୍ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ସୁନ୍ଦର ଦେଖାଯିବା ଅପେକ୍ଷା ସୁସ୍ଥ ଓ ସବଳ ରହିବା ଅଧିକ ଜରୁରୀ। ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ପର୍ଯ୍ୟାପ୍ତ ନିଦ୍ରା ଉପରେ ଗୁରୁତ୍ୱ ଦେବା ଉଚିତ୍। ସାମାଜିକ ଚାପ ଓ ବିଜ୍ଞାପନର ପ୍ରଭାବରେ ପଡ଼ି ପାରେ ।

# ଓଡାପଡା ବ୍ଲକରେ ମନେରଗା ଯୋଜନାରେ ମହା ଦୁର୍ନୀତି



ଢେଙ୍କାନାଳ:(ନି:ପ୍ର)ଦେଶର ଗରିବ ଲୋକଙ୍କ ପାଇଁ ଆଶାର ଆଲୋକ ଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବେ ଦୁର୍ନୀତିର ଅନ୍ଧକାରରେ ବୁଡିଯାଇଛି। ଗ୍ରାମାଞ୍ଚଳରେ କାମ କରୁଥିବା ଗରିବ ଲୋକମାନେ ଏହି ଯୋଜନାର ସୁଫଳ ଠିକରେ ପାଇ ପାରୁନଥିବା ବେଳେ ସ୍ଥାନୀୟ ଠିକାଦାର ମାନେ ଜାଲିଆତି କରି ଲୋକଙ୍କ ଜବ୍ କାର୍ଡ ଆଉ ବ୍ୟାଙ୍କ ପାସ ବହିରେ ଲକ୍ଷେ ଲକ୍ଷ ଟଙ୍କା ହଡପ କରିବାରେ ଲାଗିପଡିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଯାହା ଗରିବଙ୍କୁ ଅର୍ଥନୀତି ବିକାଶରେ ସହାୟ ହୋଇଥାନ୍ତା ସେଠି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ସେବକ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ନିଜ ଲାଭ ପାଇଁ ଏହି ଯୋଜନାର ଅପବ୍ୟବହାର କରିବାରେ ଲାଗିପଡିଛନ୍ତି। ସୂଚନା ମୁତାବକ ଓଡାପଡା ବ୍ଲକ ବଦାଲୋ ଗ୍ରାମ ପଞ୍ଚାୟତ ଲକ୍ଷ୍ମୀପ୍ରିୟା ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ନାମରେ ହେଇଛି ମହାଦୁର୍ନୀତି।ଖେଳ ପଡ଼ିଆର ପ୍ରଶସ୍ତି କରଣ ଆଳରେ ଚଳୁ କରାଯାଇଛି ଲକ୍ଷ ଲକ୍ଷ ଟଙ୍କାର ସରକାରୀ ସମ୍ପତି।ବିନା କାର୍ଯ୍ୟରେ ବାରମ୍ବାର ନୂତନ ଫାଇଲ ଖୋଲି ପଡିଆରେ କେବଳ କିଛି ଖଣି ମାଟି ପକାଇ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ମାନେ ମହତ ଯୋଜନାର ଅପ ବ୍ୟବହାର କରୁଥିବା ବେଳେ ଲକ୍ଷ୍ମୀପ୍ରିୟା ଉଚ୍ଚ ବିଦ୍ୟାଳୟର ପିଲାମାନେ ଏପର୍ଯ୍ୟନ୍ତ ଖେଳ ପଡିଆକୁ ବ୍ୟବହାର ମଧ୍ୟ କରିପାରୁନାହାନ୍ତି। ପଡିଆ ସାରା ଖଣି ମାଟିର ପାହାଡ ଓ ମଦ ବୋତଲ ପଡିରହିଥିବା କାରଣରୁ ପିଲାମାନେ ପଡିଆରେ ଖେଳିବା ଦୂରର କଥା ପଡିଆ ଭିତରକୁ ପଶିବାକୁ ମଧ୍ୟ ଭୟ କରୁଛନ୍ତି। ଏପରିକି ଲକ୍ଷ୍ମୀପ୍ରିୟା ଉଚ୍ଚବିଦ୍ୟାଳୟ ପଡିଆର ପ୍ରଶସ୍ତି କରଣ ନାମରେ ବାରମ୍ବାର ଟଙ୍କା ଉଠାଯାଉଥିଲେ ମଧ୍ୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏହି ବିଷୟରେ କିଛି ଜାଣିନଥିବା କଥା ପ୍ରକାଶ କରିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଯାହା ଗରିବଙ୍କ ପାଇଁ ଜୀବନ ରେଖା ତାହା ଓଡାପଡା ବ୍ଲକରେ ବାଟ ମାରଣା ହେଉଥିବା ବେଳେ ବଦାଲୋ ଗ୍ରାମ ପଞ୍ଚାୟତରେ ପିଲାଙ୍କୁ କ୍ରୀଡାରୁ ନିବୃତ କରି ଖେଳ ପଡିଆ ଆଳରେ ଲକ୍ଷ ଲକ୍ଷ ଟଙ୍କା ଚଳୁ ପିଲାଙ୍କ ଭବିଷ୍ୟତ ସହିତ ଗରିବ ଲୋକର ପେଟକୁ ଲାତ ମରାଯାଉଥିବା ଅଭିଯୋଗ ହେଇଛି। ଏହାର ଭିଜିଲାନ୍ସ ତଦନ୍ତ ସହ ଜିଲ୍ଲା ପ୍ରସାଶନ ଏହି ଭଳି ପିସି ଖିଆ କର୍ମଚାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳ ବାସୀ ଦାବୀ କରିଛନ୍ତି

# ଗ୍ରାମୀଣ ପ୍ରାଣାଳୀକୁ ସୁଦୃଢ କରିବା ସହ ଚାଷୀମାନଙ୍କୁ ସଶକ୍ତ କରିବା ପ୍ରତି ପ୍ରତିବଦ୍ଧତା

କଟକ:କଟକ ଜିଲ୍ଲାପାଳ କନ୍ହେଇର ପ୍ୟାକ୍ସ (**PACS**) ରେ ସମୀକ୍ଷା ନିମନ୍ତେ ଦୌରା କରିଥିଲେ। ସେଠାରେ ଚଟଉ (**Paddy Procurement Centre**) ଏବଂ ଅନ୍ୟାନ୍ୟ ଆଧାରଭୂତ ପ୍ରାଣାଳୀ ବିକାଶ କାମର ପ୍ରଗତି ନିକଟରୁ ଅବଲୋକନ କରିଥିଲେ। ଏହା ସହିତ, ଗକଟଣ ଅଧୀନରେ ସ୍ଥାପିତ ଏଗ୍ରୋ ସର୍ଭିସ ସେଣ୍ଟର ସହିତ ବିଭିନ୍ନ କୃଷିମୂଳକ ପ୍ରୟାସମାନଙ୍କୁ ମଧ ସେ ମୂଲ୍ୟାଙ୍କନ କରିଥିଲେ। ଏହି ପଦକ୍ଷେପଗୁଡ଼ିକ ମାଧମରେ ଚାଷୀମାନଙ୍କ ପାଇଁ ସୁବିଧା ବୃଦ୍ଧି, କୃଷି ସମର୍ଥନ ବ୍ୟବସ୍ଥାକୁ ସୁଦୃଢ କରିବା ସହ ଏବଂ ସମବାୟ ଆନ୍ଦୋଳନକୁ ଆଗକୁ ବଢ଼ାଇବା ପ୍ରତି ପ୍ରଶାସନର ଦୃଢ ସଂକଳ୍ପ ପ୍ରକାଶ ପାଇଛି। ଏହି ଦୌରା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ କରିବା ସହିତ ଚାଷୀମାନଙ୍କ ସଶକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହେଉଛି।

## ସମବାୟ ସଂସ୍ଥାମାନଙ୍କର କାର୍ଯ୍ୟପ୍ରଣାଳୀ ଉପରେ ଗୁରୁତର ପ୍ରଶ୍ନ

# ପାରଦର୍ଶିତା ଓ ଦାୟିତ୍ୱବୋଧ ପାଇଁ ଆହ୍ୱାନ

ଭୁବନେଶ୍ୱର: ସମ୍ପ୍ରତି ରାଜ୍ୟର କିଛି ସମବାୟ ସଂସ୍ଥାର କାର୍ଯ୍ୟପ୍ରଣାଳୀ, ପରିଚାଳନା ଓ ସେବା ପ୍ରଦାନ ପ୍ରତି ଗୁରୁତର ଅସନ୍ତୋଷ ପ୍ରକାଶ ପାଇଛି। ସଭ୍ୟ, ଚାଷୀ, ଅଂଶୀଦାର ଓ ଜମାକାରୀମାନଙ୍କର ଆସ୍ଥା କ୍ରମେ କ୍ଷୟ କ୍ଷତି ହେଉଥିବା ଅଭିଯୋଗ ଆସୁଛି, ଯାହା ଏକ ଗୁରୁତର ପ୍ରତିଷ୍ଠାନଗତ ସମସ୍ୟାର ସୂଚନା ଦେଉଛି।ଉପଲବ୍ଧ ତଥ୍ୟ ଓ ମତାମତ ଅନୁସାରେ, କିଛି ସଂସ୍ଥାରେ ପ୍ରଶାସନିକ ଅଧକ୍ଷତା, ଦାୟିତ୍ୱବୋଧର ଅଭାବ ଓ ପରିଚାଳନା ନୀତିର ଅନୁପାଳନରେ ଅନିୟମିତତା ଦେଖାଯାଉଛି। ଏହା ସମବାୟ ଆଇନ ଓ ସମ୍ପର୍କିତ ନିୟମାବଳୀର ମୂଳ ଉଦ୍ଦେଶ୍ୟକୁ ବିରୋଧ କରୁଛି। ଏହା ସହିତ, କିଛି ସମବାୟ ସଂସ୍ଥା ନିଜସ୍ୱ ସ୍ଥାୟୀ ବ୍ୟବସାୟ ମଡେଲ୍ ବିକାଶ କରିପାରିନଥିବାରୁ ସରକାରୀ ସବସିଡି ଉପରେ ଅତ୍ୟଧିକ ନିର୍ଭରଶୀଳ ରହିଛନ୍ତି। ଏପରି ପରିସ୍ଥିତି ଦୀର୍ଘ ମିୟାଦରେ ସଂସ୍ଥାମାନଙ୍କର ଆର୍ଥିକ ସ୍ଥିରତା ଓ ସ୍ୱାଧୀନତା ପାଇଁ ବିପଦସୂଚକ।ଏହି ପରି ପ୍ରେକ୍ଷୀରେ ସମବାୟ ବିଭାଗ ସହିତ ସଂପୃକ୍ତ ସମସ୍ତ ପଦାଧିକାରୀ ଓ କର୍ମଚାରୀମାନଙ୍କୁ ନିଜ ଦାୟିତ୍ୱ ଓ କାର୍ଯ୍ୟପ୍ରଣାଳୀର ଆତ୍ମ ନୀରୀକ୍ଷଣ କରିବାକୁ ଓ ଆଇନ ଓ ନିୟମାବଳୀ ଅନୁରୂପ ପାରଦର୍ଶୀ ଓ ଜବାବଦେହୀ ପ୍ରଣାଳୀ ଗଠନ କରିବାକୁ ଆହ୍ୱାନ କରାଯାଉଛି।ଏହା ସହିତ, ସମସ୍ତ ବରିଷ୍ଠ ସମବାୟ ବିଶେଷଜ୍ଞ, ଅର୍ଥନୀତି ବିଦ୍ ଓ ବୁଦ୍ଧିଜୀବୀମାନଙ୍କୁ ଏହି ବିଷୟରେ ଖୋଲା ଆଲୋଚନା କରି ସରକାରଙ୍କୁ ଯଥୋଚିତ ନୀତିଗତ ପରାମର୍ଶ ପ୍ରଦାନ କରିବାକୁ ଅନୁରୋଧ ଜଣାଯାଉଛି, ଯାହା ମାଧମରେ ସମବାୟ ବ୍ୟବସ୍ଥାର ପୁନର୍ଗଠନ ଓ ସୁଦୃଢ଼ିକରଣ ସମ୍ଭବ ହେବ।

# ସିଲ୍ ହେଲା କାମାକ୍ଷାନଗର ରେଙ୍ଗାଳି ବାମ ବନ୍ଧ କେନାଲ କାର୍ଯ୍ୟାଳୟ



କାମାକ୍ଷାନଗର:(ନିପ୍ର) ସିଲ୍ ହେଲା ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ରେଙ୍ଗାଳି ବାମ ବନ୍ଧ କେନାଲ କାର୍ଯ୍ୟାଳୟ । କଟକ କମର୍ସିଆଲ୍ କୋର୍ଟଙ୍କ କଡ଼ା ନିର୍ଦ୍ଦେଶକ୍ରମେ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସିଲ୍ କରାଯାଇଛି । କାର୍ଯ୍ୟାଳୟ ସିଲ କରିବା ପାଇଁ ପହଞ୍ଚିଛନ୍ତି ବିଭାଗୀୟ ଅଧିକାରୀ। ରାଜଲକ୍ଷ୍ମୀ କନଷ୍ଟ୍ରକସନ ଠିକା ସଂସ୍ଥାର ବକେୟା ଅର୍ଥ ପଇଠ କରିବାରେ ବିଫଳ ହେବାରୁ ରେଙ୍ଗାଳି ବାମ ବନ୍ଧ କେନାଲ କାର୍ଯ୍ୟାଳୟକୁ ସିଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ମିଳିଥିବା ସୂଚନା ଅନୁଯାଇ 'ରାଜଲକ୍ଷ୍ମୀ କନଷ୍ଟ୍ରକସନ' ନାମକ ଏକ ଠିକା ସଂସ୍ଥା କାମାକ୍ଷାନଗର ଅଞ୍ଚଳରେ ୨୦୦୪ ମସିହାରେ ପ୍ରାୟ ୯ କୋଟି ଟଙ୍କାର କେନାଲ କାମ କରିବା ପାଇଁ ଚୁକ୍ତି କରିଥିଲା। ତେବେ କାମ ଚାଲିଥିବା ସମୟରେ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସାଇଟ୍ ଯୋଗାଇ ଦିଆଯାଇ ନପାରିବାରୁ ବିଭାଗ ନିଜ ଆଡୁ କାମଟିକୁ ବନ୍ଦ କରିଦେଇଥିଲା। ଏହାସହ ଠିକାଦାରଙ୍କ ପ୍ରାପ୍ୟକୁ ମଧ ଅଟକାଇ ଦିଆଯାଇଥିଲା।

ଠିକାଦାର ଜଣକ ନିଜର ହକ୍ ପାଇଁ ଆର୍ବିଟ୍ରେସନର ସହାୟତା ନେଇଥିଲେ। ଯେଉଁଠାରେ କମ୍ପାନୀ କର୍ତ୍ତୃପକ୍ଷ ଦୁଇଟି କାମ ବାବଦକୁ ପ୍ରାୟ ୫୨ ଲକ୍ଷ ଏବଂ ୨୯ ଲକ୍ଷ ଟଙ୍କା ବକେୟା ରହିଥିଲା। ଯାହା ବର୍ତ୍ତମାନ ପ୍ରାୟ ୩କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହାକୁ ବିରୋଧ କରି ଜଳସେଚନ ବିଭାଗ ଜିଲ୍ଲା କୋର୍ଟ, ହାଇକୋର୍ଟ ଏବଂ ପରିଶେଷରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ ସବୁଠି ସେମାନେ ବିଫଳ ହୋଇଥିଲେ। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଭାଗ ଟଙ୍କା ପଇଠ ନକରିବାରୁ ଏବଂ ଅଫିସକୁ ଆସୁଥିବା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗ ହେବା ପରେ, ମାମଲାଟି କଟକ କମର୍ସିଆଲ୍ କୋର୍ଟକୁ ଯାଇଥିଲା। ଦୁଇ ବର୍ଷ ଧରି ମାମଲା ଚାଲିବା ପରେ ଆଜି ଅଧିକାରୀଙ୍କ ଉପସ୍ଥିତିରେ ଏହି ଅଫିସଟିକୁ ଆଟାଚମେଣ୍ଟ ବା ସିଲ୍ କରାଯାଇଛି

# ବନ୍ୟା ଜଳରେ ନଷ୍ଟ ହେଉଛି ଏକର ଏକର ଚାଷଜମି



ଶୁଳିଆପଦା:(ନି:ପ୍ର)ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଏବଂ ବାରିପଦା ବ୍ଲକ ସୀମାନ୍ତକୁ ଲାଗି କୁଜିଡିହି ଠାରେ ମୁଡୁରୀ ବନ୍ଧ ଅବସ୍ଥିତ।ତେବେ ବର୍ଷାଦିନେ ପ୍ରବଳ ବର୍ଷା ଯୋଗୁଁ ବନ୍ଧ ଚଟାଣ ଦେଇ ବନ୍ୟା ଜଳ ପ୍ରବାହିତ ହୋଇ ଆଖପାଖ ଅଞ୍ଚଳର ବ୍ୟାପକ ଚାଷଜମି ଜଳମଗ୍ନ ହେବା ସହ ସେହି ଚାଷଜମି ଦେଇ ଜଳ ସ୍ରୋତରେ ମୃତ୍ତିକା ଅବକ୍ଷୟ ହୋଇ ଖାଲ ସୃଷ୍ଟି ହେଉଛି। ଫଳରେ ଚାଷୀ ମାନଙ୍କୁ କ୍ଷତିଗ୍ରସ୍ତ ହେବାକୁ ପଡୁଛି।ପ୍ରତ୍ୟେକ ବର୍ଷ ଏହି ଭଳି ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ଏକର ଏକର ଚାଷଜମି ନଷ୍ଟ ହୋଇ ଗଭୀର ନାଳ ହେବାକୁ ବସିଲାଣି। ଯାହାଦ୍ୱାରା ଚାଷୀର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିବା ବେଳେ ଜମି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ଯାଉଥିବା ଚାଷୀ ଅଭିଯୋଗ ଆଣିଛନ୍ତି। ତେବେ ଏହି ବନ୍ୟା ଜଳରୁ ଚାଷଜମିକୁ ରକ୍ଷା କରିବାକୁ ହେଲେ କ୍ରସ ଡ୍ୟାମ ନିର୍ମାଣ ପାଇଁ ଚାଷୀମାନେ ଦାବି କରୁଛନ୍ତି। ଏହି କ୍ରସଡ୍ୟାମ ନିର୍ମାଣ କରାଗଲେ ଶୁଳିଆପଦା ଏବଂ ବାରିପଦା ବ୍ଲକର କୁଜିଡିହି,ମୁଡୁରୀ,ମୁଗରମରା, ଅସନଶିଳା,ଢେଙ୍କନେଞ୍ଜିଆ ଆଦି ଗ୍ରାମର ଶତାଧିକ ଚାଷୀ ଉପକୃତ ହୋଇପାରନ୍ତେ।

# ଖୋର୍ଦ୍ଧା ଜିଲ୍ଲା ଦେଉଳିଆପାଟଣା ସରକାରୀ ଜମି ଜବରଦଖଲ କୁ ନେଇ ତାତିଲେ ଗ୍ରାମବାସୀ

ଖୋର୍ଦ୍ଧା:(ନି:ପ୍ର)ଖୋର୍ଦ୍ଧା ଜିଲ୍ଲା ଜଟଣୀ ତହସିଲ ଅଧୀନରେ ଥିବା ଦେଉଳିଆପାଟଣା ମୌଜାରେ ଥିବା ପ୍ଲଟ ନମ୍ବର ୩୧୩ କୁ 'ଇଭୋସ ବିଲଡର' ନାମକ ଏକ ବେସରକାରୀ ଗୃହ ନିର୍ମାଣ ସଂସ୍ଥା ଜବରଦଖଲ କରି ନିଜର ପ୍ଲଟିଂ କାମ କରୁଥିବା ନେଇ ଦେଉଳିଆ ପାଟଣା ଗ୍ରାମ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଗ୍ରାମ୍ୟ କମିଟି ପକ୍ଷରୁ ଜଟଣୀ ବିଧାୟକ, ଇନଫ୍ଲ୍ଭ୍ୟାଲି ଥାନା, ଜଟଣୀ ତହସିଲଦାର ଏବଂ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବା ଗ୍ରାମ୍ୟ କମିଟି ସଭାପତି ବିଷ୍ଣୁ ଚରଣ ସାମନ୍ତରାୟ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି । ଜଙ୍ଗଲ କିସମ ଥିବା ଏହି ଜମିକୁ ଗ୍ରାମର ଗରିବ ଜନସାଧାରଣ ବିଭିନ୍ନ ଚାଷ କାମ ଏବଂ ଗାଈ ଗୋରୁଙ୍କ ଚରିବା ପାଇଁ ବହୁ ବର୍ଷ ଧରି ବ୍ୟବହାର କରି ଆସୁଥିଲେ। କିନ୍ତୁ ଉକ୍ତ ସଂସ୍ଥା ପାଖା ପାଖି ୪-୫ ଏକର ଜମିକୁ ଜବର ଦଖଲ କରି ଏହି ଜମିରେ ଗୃହ ନିର୍ମାଣ କାର୍ଯ୍ୟ ଜାରିରଖିଛି। ତେବେ ଗ୍ରାମ୍ୟ କମିଟି ପକ୍ଷରୁ ପ୍ରଶାସନକୁ ଉକ୍ତ ଜବରଦଖଲ ଜମିରୁ ଜବର ଦଖଲ ଉଚ୍ଛେଦ କରି ଗ୍ରାମବାସୀଙ୍କୁ ଉକ୍ତ ଜମି ବ୍ୟବହାର କରିବାକୁ ଦିଆଯାଉ ବୋଲି ଅନୁରୋଧ କରାଯାଇଛି। ତେବେ ପ୍ରଶାସନ ଯଦି ନୀରବ ରହେ ଆଗାମୀ ଦିନରେ ଗ୍ରାମର ଶହଶହ ଯୁବକ ଗାଁ ମାଟି ପାଇଁ ରାଜରାସ୍ତାକୁ ଓଲହାଇବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଏ ନେଇ ଉକ୍ତ ସଂସ୍ଥା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ ।









# ଜିଲ୍ଲାପାଳଙ୍କ ଦୂରଦୃଷ୍ଟି: କାଗଜପତ୍ର ଜଟିଳତା ଦୂର କରି ଶିକ୍ଷାନୁଷ୍ଠାନକୁ ସୁରକ୍ଷିତ କରିବ ମାଲକାନଗିରି ପ୍ରଶାସନ

## ୧୦୫୦ ସରକାରୀ ବିଦ୍ୟାଳୟ ପାଇବେ ନିଜସ୍ୱ ଜମି ପଟ୍ଟା

ମାଲକାନଗିରି: ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଶିକ୍ଷାର ବିକାଶ ପାଇଁ ଏକ ଯୁଗାନ୍ତକାରୀ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସୁଚିନ୍ତିତ ନିର୍ଦ୍ଦେଶ କ୍ରମେ ଆଜି ଏଫଏଲସି ହଲ ପ ରିସରରେ ଏକ ବିଶାଳ ବିଦ୍ୟାଳୟ ଜମିପଟ୍ଟା ମେଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ଅଧକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ବେଦବର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ସହକାରୀ ବନ ଅଧିକାରୀ ମନସୁନ୍ ଖେମୁଣ୍ଡୁ ଉପସ୍ଥିତ ଥିଲେ। ଏହି ଶିବିରରେ ଜିଲ୍ଲାର ୧୦୫୦ଟି ସରକାରୀ ବିଦ୍ୟାଳୟକୁ ଜମି ପଟ୍ଟା ପ୍ରଦାନ କରିବା ପ୍ରକ୍ରିୟାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲାରେ ଥିବା ମୋଟ ୧୨୪୨ଟି ସରକାରୀ ବିଦ୍ୟାଳୟ ମଧ୍ୟରୁ ପ୍ରାୟ ୮୫ ପ୍ରତିଶତ ଅନୁଷ୍ଠାନର ନିଜସ୍ୱ ପଟ୍ଟା ନଥିବାରୁ ଅତିରିକ୍ତ ଶ୍ରେଣୀଗୃହ, ଶୌଚାଳୟ, ଏବଂ ପାଚେରୀ ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବର୍ଷ ବର୍ଷ ଧରି ଅଧ ।ପନ୍ତରିଆ ହୋଇ ରହିଥିଲା। ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ଫୋରମ ଗଠନ କରି ରାଜସ୍ୱ, ତହସିଲ, ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଓ ବିଦ



ୟାଳୟ ପ୍ରଧାନ ଶିକ୍ଷକମାନେ ଗୋଟିଏ ସ୍ଥାନରେ ଏକାଠି ହୋଇ କାଗଜପତ୍ର ଯାଞ୍ଚ କଲେ। ତହସିଲକୁ ୬୪୭ ବିଦ୍ୟାଳୟ ଏବଂ ବନ ବିଭାଗକୁ ୩୦୪ ବିଦ୍ୟାଳୟ ପଟ୍ଟା ପାଇଁ ଯାହା ଆବେଦନ କରିଥିଲେ ତାହାର ସମୟସୀମା ମଧ୍ୟରେ ଅବଶିଷ୍ଟ ବିଦ୍ୟାଳୟଗୁଡ଼ିକର ଜମି ଚିହ୍ନଟ, ମାପ ଚୁପ ଓ ପଟ୍ଟା ପ୍ରଦାନ ପ୍ରକ୍ରିୟା ଅତିଶୀଘ୍ର ଶେଷ କରିବାକୁ ଉପ ଜିଲ୍ଲାପାଳ ସମସ୍ତ ତହସିଲଦାର ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଲେ। ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପାଇଁ ଯଥାଶୀଘ୍ର ଜମି ପଟ୍ଟା ଦେବାକୁ ଗୁରୁତ୍ୱ ଦିଆଗଲା ।ସେହିପରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଅଧୀନରେ ଥିବା ୨୫ଟି ଆଶ୍ରମ ବିଦ୍ୟାଳୟ ପାଇଁ ମଧ୍ୟ ଆବେଦନ ପ୍ରକ୍ରିୟା ଜାରି ରହିଛି। ଅନ୍ୟପଟେ, ଜଙ୍ଗଲ ଜମିରେ ଅବସ୍ଥିତ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଶିକ୍ଷା ବିଭାଗର ୩୦୪ଟି ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ୧୩ଟି ଆଶ୍ରମ ବିଦ୍ୟାଳୟ ପାଇଁ ସମ୍ପୃକ୍ତ ବନ ଅଧିକାରୀଙ୍କ ନିକଟରେ ଆବେଦନ କରାଯାଇଛି ।ବିଭିନ୍ନ ତହସିଲ ଏବଂ ବନ ବିଭାଗ କାର୍ଯ୍ୟାଳୟରେ ଏହି ପଟ୍ଟା ପ୍ରଦାନ ପ୍ରକ୍ରିୟା କେଉଁ କାରଣରୁ ବାକି ରହିଛି, ସେ ସମ୍ପର୍କରେ ଏକ ବିସ୍ତୃତ ସମୀକ୍ଷା କରାଯାଇଛି ।ଏଥିରେ ଆବଶ୍ୟକୀୟ ଫର୍ମ, ଦଲିଲ ସଂଗ୍ରହ ଏବଂ ଗ୍ରାମସଭା ନିର୍ଦ୍ଧାରଣ ଭଳି ପ୍ରକ୍ରିୟାଗୁଡ଼ିକୁ ଆପୋଷ ଆଲୋଚନା ମାଧ୍ୟମରେ ଚୂଡ଼ାନ୍ତ ରୂପ ଦେବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ଏହି ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସମ୍ପୃକ୍ତ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଯେ କୌଣସି ବିଦ୍ୟାଳୟ କେବଳ ଜମି ପଟ୍ଟା ଅଭାବରୁ ବିକାଶରୁ ବଞ୍ଚିତ ହେବ ନାହିଁ। ପ୍ରଶାସନ ଓ ଶିକ୍ଷା ବିଭାଗ ମିଶି ମିଶନ ମୋଡରେ କାମ କରିବ। ଜିଲ୍ଲା ପ୍ରଶାସନର ଏହି ଉଦ୍ୟମ ମାଲକାନଗିରି ପରି ଏକ ଦୁର୍ଗମ ଅଞ୍ଚଳରେ ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରିବାରେ ଏକ ମାଇଲଖୁଣ୍ଟ ସଦୃଶ ହେବ। ବିଦ୍ୟାଳୟ ଗୁଡ଼ିକର ନିଜସ୍ୱ ଜମି ପଟ୍ଟା ରହିଲେ ସରକାରୀ ଅନୁଦାନର ସଠିକ୍ ବିନିଯୋଗ ହୋଇପ ।ରିବ, ଯାହା ଜିଲ୍ଲାର ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଏକ ସୁରକ୍ଷିତ ଓ ଆଧୁନିକ ପାଠପଢ଼ା ପରିବେଶ ପ୍ରଦାନ କରିବ। ଜିଲ୍ଲାପାଳଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ପାଇଁ ଆଜି ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଜିଲ୍ଲା ପ୍ରଶାସନକୁ ଉଚ୍ଚ ପ୍ରଶଂସା କରାଯାଉଛି। ପ୍ରଶାସନର ଏହି ମିଶନ ମୋଡ୍ କାର୍ଯ୍ୟଶୈଳୀ ଶିକ୍ଷା କ୍ଷେତ୍ରରେ ଥିବା ପ୍ରଶାସନିକ ବାଧାବିଘ୍ନକୁ ଦୂର କରିବାରେ ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିଛି।

# ଶ୍ରମିକ ଦିବସରେ ଜଟଣୀ ଲେବର କଣ୍ଟ୍ରାକ୍ଟ କୋଅପରେଟିଭ ସୋସାଇଟିର ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜଟଣୀ: ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ଜଟଣୀ ଲେବର କଣ୍ଟ୍ରାକ୍ଟ କୋଅପରେଟିଭ ସୋସାଇଟି ଲିଃ ଆନୁକୂଲ୍ୟରେ ଗୋପୀନାଥପୁର ମୁଣ୍ଡିଆ ସାହିଠାରେ ସଂଗଠନର ଏକ ନୂତନ ଅଫିସଗୃହ ଓ କମ୍ୟୁନିଟି ହଲର ଭିତ୍ତିପ୍ରସ୍ତର ସ୍ଥାପନ, ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଏବଂ ସ୍ଥାନୀୟ କଲ୍ୟାଣମଣ୍ଡପ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସୋସାଇଟିର ମୁଖ୍ୟ ଉପଦେଷ୍ଟା ଶ୍ରୀ ସୁଧାଂଶୁ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଟଣୀର ମାନ୍ୟବର ବିଧାୟକ ଶ୍ରୀ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ସଂଗଠନମାନଙ୍କର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ସାମାଜିକ ବିକାଶ କ୍ଷେତ୍ରରେ ସେମାନଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ଲେବର କୋଅପରେଟିଭ ଫେଡେରେସନର ସଭାପତି ଶ୍ରୀ ପ୍ରମୋଦ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରମିକମାନଙ୍କର ଅଧିକାର ଓ ସମବାୟ ଆନ୍ଦୋଳନର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ସଭ୍ୟ ବିଚିତ୍ରାନନ୍ଦ ପ୍ରଧାନ, ଯୁବନେତା ଅନନ୍ତ ଶତପଥୀ ଓ ଶିବପ୍ରସାଦ ମହାପାତ୍ର, ସ୍ଥାନୀୟ କର୍ପୋରେଟର ସୁଶ୍ରୀ ଜାଇ ବେହେରା, ପୂର୍ବତନ କର୍ପୋରେଟର ରହିମା ବିବି ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଶ୍ରମିକ ଦିବସର ତାତ୍ପର୍ଯ୍ୟ, ଶ୍ରମିକମାନଙ୍କ ସମସ୍ୟା, ଆବଶ୍ୟକତା ଓ ସରକାରୀ ଯୋଜନାରେ ସେମାନଙ୍କର ଭାଗିଦାରୀ ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତେ ଶ୍ରମିକମାନଙ୍କର ମୌଳିକ ଆବଶ୍ୟକତା ପୂରଣ ଦିଗରେ ସମୁହିକ ସହଯୋଗର ଆହ୍ୱାନ ଜଣାଇଥିଲେ। ସୋସାଇଟିର ସମ୍ପାଦକ କାଲା ମୁଦ୍ଦିନ ଖାନ୍ ବିବରଣୀ ପାଠ କରିବା ସହ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଯୁବନେତା ଓ ସମବାୟବିତ ଚିତନ ସାର୍ ଧନ୍ୟବାଦ ଅର୍ପଣ କରିଥିଲେ।




ଅନ୍ୟମାନଙ୍କ ମଧ୍ୟରେ ସଭାପତି ବିନୋଦ ବିହାରୀ ପ୍ରଧାନ, ସମାଜସେବୀ ପ୍ରତାପ ଚନ୍ଦ୍ର ସାମନ୍ତରାୟ, ସମବାୟବିତ୍ ପୁଷ୍ପ ପାତ୍ର, ଏମ୍.ଡି. ସମଶ୍ୱେର, ଭାସ୍କର ଦାସ, ସମିନା ବେଗମ, କୁନ୍ତଳା ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ।

# ହିଡ଼ିସିଙ୍ଗ ପ୍ରକଳ୍ପ: ପ୍ରାଥମିକ ପର୍ଯ୍ୟାୟରେ ମିଳିଲା ୨୮ କୋଟି ଟଙ୍କା

ଅନୁଗୁଳ: ବନ୍ତଳା ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ ହିଡ଼ିସିଙ୍ଗ ପ୍ରକଳ୍ପ କାମ ଆଉ ପାଦେ ଆଗେଇଛି। ଏହି ପ୍ରକଳ୍ପ ପାଇଁ ସରକାର ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୨୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏପଟେ ଏହି ପ୍ରକଳ୍ପ ପାଇଁ ଆସନ୍ତା ଜୁନ୍ ୧୮ ତାରିଖରେ ଜନଶୁଣାଣି କରାଯିବ। ଏହି ପ୍ରକଳ୍ପକୁ ଲୋକଙ୍କ ବିରୋଧ ନଥିବାରୁ ଅଳ୍ପଦିନ ଭିତରେ ହିଡ଼ିସିଙ୍ଗ ସ୍ୱପ୍ନ ସାକାର ହେବ ବୋଲି ଆଶା କରାଯାଉଛି।

ହିଡ଼ିସଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଅନୁଗୁଳ ଜିଲ୍ଲ ବନ୍ତଳା ଅଞ୍ଚଳର ୧୩ଟି ପଞ୍ଚାୟତର ୫୦ଟି ଗାଁର ଚାଷ ଜମି ଜଳସେଚିତ ହୋଇ ପାରିବ। କରତପଟା ନିକଟସ୍ଥ କରଡ଼ାପଡ଼ା ନିକଟରେ ବଉଳି ନଈ ଉପରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଏଠାରେ ୯୩୩ ମିଟର ଲମ୍ବା ଏବଂ ୩୨.୫ ମିଟର ଉଚ୍ଚତା ବିଶିଷ୍ଟ ଡ୍ୟାମ୍ କରାଯିବ। ଏହି ପ୍ରକଳ୍ପରୁ ଖରିଫରେ ୨୩୬୬ ହେକ୍ଟର ଏବଂ ରବିରେ ୭୪୦ ହେକ୍ଟର ଜମିରେ ଜଳସେଚନ କରାଯାଇପାରିବ। ଏହି ପ୍ରକଳ୍ପ ପାଇଁ ଆସନ୍ତା ଜୁନ୍ ୧୮ ତାରିଖରେ କରଡ଼ାସିଙ୍ଗଠାରେ ଜନଶୁଣାଣି କରାଯିବ। ଏନେଇ ଜଳସଂପଦ ବିଭାଗ ପକ୍ଷରୁ ଚିଠି କରାଯିବା ପରେ ଅନୁଗୁଳ ଜିଲ୍ଲାପାଳ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଜଣାଇ ଦେଇଛନ୍ତି। ୧୮ ତାରିଖ ପୂର୍ବାହ୍ନ ୧୧ଟାରେ କରଡ଼ାସିଙ୍ଗଠାରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ଙ୍କ ଅଧକ୍ଷତାରେ ଏହି ଜନଶୁଣାଣି କରାଯିବ ।ବନ୍ତଳା ଅଞ୍ଚଳର ଲୋକମାନେ ଏହି ପ୍ରକଳ୍ପକୁ ଅପେକ୍ଷା କରି ରହିଥିଲା ବେଳେ ଜନଶୁଣାଣିରେ ଏହାକୁ କେହି ବିରୋଧ କରିବାର ସମ୍ଭାବନା ପ୍ରାୟ ନାହିଁ। ଏପଟେ ରାଜ୍ୟ ସରକାର ହିଡ଼ିସିଙ୍ଗ ଜଳପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ସରକାର ୨୮ କୋଟି ୭ ଲକ୍ଷ ଉର୍ଦ୍ଧ୍ୱ ମଂଜୁର କରିଛନ୍ତି। ଏଣୁ ଏହି ପ୍ରକଳ୍ପ ଆଗେଇବା ନେଇ ସମ୍ଭାବନା ବଢ଼ିଛି। ଜନଶୁଣାଣି ପରେ ପ୍ରକଳ୍ପ କାମ ଆରମ୍ଭ ହେବ। କାରଣ ଏହା ପୂର୍ବରୁ ପରିବେଶ ସଂକ୍ରାନ୍ତୀୟ ମଂଜୁରି ମିଳି ସାରିଛି। ଏହି ପ୍ରକଳ୍ପ ପାଇଁ ୨୦୦୬ ମସିହାରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ବିଭିନ୍ନ କାରଣ ପାଇଁ ଏହା ଅଟକି ରହିଥିଲା। ସାତକୋଶିଆ ଜଂଗଲ ଭିତରେ ଆସୁଥିବା ଏହି ପ୍ରକଳ୍ପ ପାଇଁ ପରିବେଶ ମଂଜୁରି ଉପରେ ସମସ୍ତଙ୍କ ନଜର ରହିଥିଲା। ତେବେ, ଗତ ଜାନୁଆରି ମାସରେ ମିଳିବା ପରେ ଅନ୍ୟାନ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ପାଇଁ ମୋଟ ୮୭.୫୨୦ ହେକ୍ଟର ଜଙ୍ଗଲ ଜମିର ଆବଶ୍ୟକତା ରହିଛି। ୭୨.୩୦ ବର୍ଗକିଲୋମିଟର ପରିମିତ ଏ ଡ୍ୟାମ ତିଆରି ହେଲେ ମୋଟ ୪୨୧ ହେକ୍ଟର ଜମି ଜଳମଗ୍ନ ହେବ। ଅପରପକ୍ଷରେ ବନ୍ତଳା ଅଞ୍ଚଳର ଲକ୍ଷାଧିକ ଚାଷୀଙ୍କ ଜମିକୁ ଜଳସେଚନ ସୁବିଧା ହୋଇପାରିବ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ପୂର୍ବରୁ ସବୁଜ ସଙ୍କେତ ଦେଇ ସାରିଛନ୍ତି। ଏଥିପାଇଁ ଗତ ୨୦୨୪ରେ ଜଙ୍ଗଲ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖକୁ ଚିଠି କରି ସବିଶେଷ ତଥ୍ୟ ପ୍ରଦାନ କରାଯାଇଥିଲା। ଜଙ୍ଗଲ ଜମିର ହସ୍ତାନ୍ତର ପାଇଁ ଜଙ୍ଗଲ ବିଭାଗ ରାଜି ହେବା ସହ କେନ୍ଦ୍ରର ଅନୁମତି ଲୋଡ଼ିଥିଲା। ଏବେ ଅନୁମତି ମିଳି ସାରିଥିବାରୁ ହିଡ଼ିସିଙ୍ଗ ସ୍ୱପ୍ନ ସାକାର ହେବା ଆଉ ଦୂର ନୁହେଁ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 8280000007, Printed at Om printers,Mancheswar Industrial Estate, Bhubaneswar - 751010

**Chief Editor: Sirdhartha Roy**
ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

**Editor - Monalisa Das**
ସମ୍ପାଦିକା: ମୋନାଲିସା ଦାସ